# 2018 ର ଓଡ଼ିଶା ଅଧିନିୟମ 23

## ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଧିନିୟମ, 2018

ଉଚ୍ଚ ଗୁଣାତ୍ମକ ମାନର ଶିକ୍ଷାଦାନ ଦେବା ଓ ତାହାର କାର୍ଯ୍ୟାବଳୀକୁ ବିନିୟମିତ କରିବା ପାଇଁ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନକୁ ଏକ ନିଜସ୍ୱ ଅର୍ଥବ୍ୟବସ୍ଥାରେ ପରିଚାଳିତ ଘରୋଇ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ସକାଶେ ଏବଂ ତତ୍ ସଂପର୍କିତ ବା ତତ୍ ଆନୁଷଙ୍ଗିକ ଅନ୍ୟାନ୍ୟ ବିଷୟରେ ବ୍ୟବସ୍ଥା କରିବ ନିମନ୍ତେ

ଏକ

ଅଧିନିୟମ।

ଭାରତ ଗଣ ରାଜ୍ୟର ଅଣସ୍ତରିତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଉ:-

**ଅଧ୍ୟାୟ-I**

**ପ୍ରାରମ୍ଭିକ**

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ।

1. (1) ଏହି ଅଧିନିୟମଟି ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅଧିନିୟମ, 2018 ନାମରେ ଅଭିହିତ ହେବ।

(2) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖଠାରୁ ବଳବତ୍ତର ହେବ।

ସଂଜ୍ଞା।

2. (1) ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ, ଏହି ଅଧିନିୟମରେ-

(କ) "ବିଦ୍ୟା ପରିଷଦ" ଅର୍ଥ ଧାରା 24 ଅନୁଯାୟୀ ଗଠିତ ବିଦ୍ୟା ପରିଷଦ;

(ଖ) 'ଏ.ଆଇ.ସି.ଟି.ଇ' ଅର୍ଥ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଅଧିନିୟମ, 1987ର ଧାରା 3 ଅନୁଯାୟୀ ସ୍ଥାପିତ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ;

(ଗ) 'ବାର୍ଷିକ ରିପୋର୍ଟ' ଅର୍ଥ ଧାରା 49 ରେ ସୂଚିତ ହୋଇଥିବା ମତେ ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ,

(ଘ) "ନିୟତ ତାରିଖ" ଅର୍ଥ ଧାରା 3 ର ଉପ-ଧାରା (1) ଅନୁଯାୟୀ ନିୟତ ହୋଇଥିବା ତାରିଖ;

(ଙ) 'ନିୟନ୍ତ୍ରକ ମଣ୍ଡଳୀ' ଅର୍ଥ ଧାରା 22 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀ;

(ଚ) 'ପରିଚାଳନା ମଣ୍ଡଳୀ' ଅର୍ଥ ଧାରା 23 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟର ପରିଚାଳନା ମଣ୍ଡଳୀ,

(ଛ) "ବିପିୟୁଟି" ଅର୍ଥ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନିୟମ, 2002 ଅନୁଯାୟୀ ସ୍ଥାପିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ;

(ଜ) "ମହାବିଦ୍ୟାଳୟ" ଅର୍ଥ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ, ଗୁଣୁପୁର;

(ଝ) "କର୍ପସ ପାଣ୍ଠି" ଅର୍ଥ ଧାରା 45 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର କର୍ପସ ପାଣ୍ଠି;

(ଞ) 'ଡିନ୍' ଅର୍ଥ ଧାରା 17 ରେ ଉଲ୍ଲିଖିତ ହେବା ମତେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ମୁଖ୍ୟ;

(ଟ) "ଉନ୍ନୟନ ପାଣ୍ଠି" ଅର୍ଥ ଧାରା 47 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର ଉନ୍ନୟନ ପାଣ୍ଠି;

(ଠ) 'ଦୂର ଶିକ୍ଷା ବ୍ୟବସ୍ଥା' ଅର୍ଥ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଯୋଗାଯୋଗର ଯେକୌଣସି ମାଧ୍ୟମ, ଅର୍ଥାତ୍, ବହୁବିଧ ମିଡିଆ, ପ୍ରସାରଣ, ଟେଲି ପ୍ରସାରଣ, ଇଣ୍ଟରନେଟ୍ ମାଧ୍ୟମରେ ଅନ୍‌ଲାଇନ୍, ଅନ୍ୟାନ୍ୟ ମାଧ୍ୟମ ଜରିଆରେ ପରସ୍ପର ମଧ୍ୟରେ ଆଦାନପ୍ରଦାନ ପଦ୍ଧତି, ଇ-ମେଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର, ପରସ୍ପର କଥୋପକଥନ, ଇ-ଶିକ୍ଷାଦାନ, ପତ୍ରବିନିମୟ ପାଠ୍ୟକ୍ରମ,

ସେମିନାର, ଯୋଗାଯୋଗ କାର୍ଯ୍ୟକ୍ରମ ବା ସେହି ମାଧ୍ୟମଗୁଡ଼ିକ ମଧ୍ୟରୁ ଯେକୌଣସି ଦୁଇଟି ବା ତତୋଽଧିକ ମାଧ୍ୟମର ସଂଯୋଗ ଜରିଆରେ ଶିକ୍ଷାଦାନ ବ୍ୟବସ୍ଥା;

(ଡ଼) 'କର୍ମଚାରୀ' ଅର୍ଥ ବିଶ୍ୱବିଦ୍ୟାଳୟ ଦ୍ୱାରା ନିଯୁକ୍ତ କର୍ମଚାରୀ ଓ ତହିଁରେ ଶିକ୍ଷକ ଓ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଅନ୍ତର୍ଭୁକ୍ତ;

(ଢ଼) 'ଫାକଲ୍ଟି' ଅର୍ଥ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ପାଠ୍ୟ ବିଭାଗ;

(ଣ) "ଅର୍ଥ ଅଧିକାରୀ" ଅର୍ଥ ଧାରା 19 ଅନୁଯାୟୀ ନିଯୁକ୍ତ ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ;

(ତ) 'ସାଧାରଣ ପାଣ୍ଠି' ଅର୍ଥ ଧାରା 46 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର ସାଧାରଣ ପାଣ୍ଠି;

(ଥ) "ବିହିତ" ଅର୍ଥ କାନୁନ୍ ଦ୍ୱାରା ବିହିତ;

(ଦ) "ସଭାପତି" ଅର୍ଥ ଧାରା 14 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର ସଭାପତି;

(ଧ) 'ରେଜିଷ୍ଟ୍ରାର' ଅର୍ଥ ଧାରା 18 ଅନୁଯାୟୀ ନିଯୁକ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର;

(ନ) 'ନିୟାମକ ନିକାୟ' ଅର୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ସର୍ବଭାରତୀୟ ଶିକ୍ଷା ପରିଷଦ ତଥା ନିର୍ଦ୍ଧାରଣ ଓ ସ୍ୱୀକୃତ ନିମନ୍ତେ ଗଠିତ ଜାତୀୟ ପରିଷଦ, ଦୂରସଞ୍ଚାର ଶିକ୍ଷା ପରିଷଦ ଭଳି ତଦୁପଲକ୍ଷେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଅନ୍ୟାନ୍ୟ ନିକାୟଗୁଡ଼ିକରେ ଉଚ୍ଚ ଶିକ୍ଷାର ଗୁଣାତ୍ମକମାନ ନିର୍ଦ୍ଧାରଣ କରିବା ଲାଗି ରୀତିନୀତି ଓ ସର୍ତ୍ତାବଳୀ ପ୍ରଣୟନ କରିବା ସକାଶେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଏକ ନିକାୟ;

(ପ) 'ନିୟମାବଳୀ' ଅର୍ଥ ବିଶ୍ୱବିଦ୍ୟାଳୟ ନିୟମାବଳୀ;

(ଫ) 'ବିଦ୍ୟାଳୟ' ଅର୍ଥ ଧାରା 8 ର ଖଣ୍ଡ (ଙ) ଓ (ଚ) ରେ ଉଲ୍ଲିଖିତ ହେବା ମତେ ବିଶ୍ୱବିଦ୍ୟାଳୟର ଅଧ୍ୟୟନ ବିଦ୍ୟାଳୟ;

(ବ) "ଧାରା" ଅର୍ଥ ଏହି ଅଧିନିୟମର ଧାରା;

(ଭ) 'ପ୍ରାୟୋଜକ ନିକାୟ' ଅର୍ଥ ନ୍ୟାସ;

(ମ) 'ରାଜ୍ୟ' ଅର୍ଥ ଓଡ଼ିଶା ରାଜ୍ୟ;

(ଯ) 'ରାଜ୍ୟ ସରକାର' ଅର୍ଥ ଓଡ଼ିଶା ରାଜ୍ୟ ସରକାର;

(କକ) 'କାନୁନ୍' ଅର୍ଥ ବିଶ୍ୱବିଦ୍ୟାଳୟର କାନୁନ୍;

(ଖଖ) 'ଶିକ୍ଷକ' ଅର୍ଥ ବିଶ୍ୱବିଦ୍ୟାଳୟରେ ଅନୁଦେଶ ବା ପ୍ରଶିକ୍ଷଣ ଦେବା ବା ଗବେଷଣା କରିବା ଲାଗି ନିଯୁକ୍ତ ହୋଇଥିବା ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଅଧ୍ୟାପକ ବା ସେପରି ଅନ୍ୟ କୌଣସି ବ୍ୟକ୍ତି;

(ଗଗ) "ନ୍ୟାସ" ଅର୍ଥ ଭାରତୀୟ ନ୍ୟାସ ଅଧିନିୟମ, 1882 ଅନୁଯାୟୀ ପଞ୍ଜିକୃତ ବିଦ୍ୟା ଭାରତୀ ଶିକ୍ଷା ନ୍ୟାସ;

(ଘଘ) 'ୟୁଜିସି' ଅର୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, 1956 ଅନୁଯାୟୀ ଗଠିତ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ;

(ଙଙ) 'ବିଶ୍ୱବିଦ୍ୟାଳୟ' ଅର୍ଥ ଏହି ଅଧିନିୟମ ଅନୁଯାୟୀ ସ୍ଥାପିତ ଓ ନିଗମିତ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା, ଗୁଣୁପୁର (ଜି.ଆଇ.ଇ.ଟି. ବିଶ୍ୱବିଦ୍ୟାଳୟ);

(ଚଚ) 'କୁଳପତି' ଅର୍ଥ ଧାରା 16 ଅନୁଯାୟୀ ନିଯୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି;

(ଛଛ) "ଉପ ସଭାପତି" ଅର୍ଥ ଧାରା 15 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର ଉପସଭାପତି;

(ଜଜ) "ଅଭ୍ୟାଗତ" ଅର୍ଥ ଧାରା 13 ରେ ସୂଚିତ ହେବା ମତେ ବିଶ୍ୱବିଦ୍ୟାଳୟର ଅଭ୍ୟାଗତ।

## ଅଧ୍ୟାୟ -II

## ବିଶ୍ୱବିଦ୍ୟାଳୟ

ପ୍ରତିଷ୍ଠା ଓ ନିଗମନ। 3. (1) ଧାରା 5 ର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ରାଜ୍ୟ ସରକାର ଏତଦୁପଲକ୍ଷେ ଅଧିସୂଚନା ଦ୍ୱାରା ନିୟତ କରିବା ତାରିଖ ଠାରୁ (ଏହାପରେ ନିୟତ ତାରିଖ ଭାବେ ସୂଚିତ) ଧାରା 45 ର ବ୍ୟବସ୍ଥା ଅନୁସାରେ ପ୍ରାୟୋଜକ ନିକାୟ ଦ୍ୱାରା କର୍ପସ ପାଣ୍ଠି ଗଠନ ହେବା ପରେ ଓଡ଼ିଶା ରାଜ୍ୟରେ ରାୟଗଡ଼ା ଜିଲ୍ଲାର ଗୁଣୁପୁର ତହସିଲର ଖର୍ଲିଙ୍ଗ ଠାରେ "ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ, ଓଡ଼ିଶା" ନାମରେ ଏକ ଅଣ-ସହବନ୍ଧନକାରୀ ଏକକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ;

(2) ବିଶ୍ୱବିଦ୍ୟାଳୟଟି ଉପରୋକ୍ତ ନାମରେ ଏକ ନିଗମ ନିକାୟ ହେବ ଓ ତାହାର ଶାଶ୍ୱତ ଉତ୍ତରାଧିକାର ଓ ଏକ ସାଧାରଣ ମୋହର ରହିବ ଏବଂ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ ଏହା ଉଭୟ ଅସ୍ଥାବର ଓ ସ୍ଥାବର ସଂପତ୍ତି ଅର୍ଜନ, ଧାରଣ ଓ ହସ୍ତାନ୍ତର କରିପାରିବ ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ଚୁକ୍ତି ଓ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ କରିପାରିବ ଏବଂ ଉକ୍ତ ନାମରେ ମକଦ୍ଦମା ଦାଏର କରିପାରିବ ଓ ତାହା ନାମରେ ମକଦ୍ଦମା କରାଯାଇ ପାରିବ।

(3) ବିଶ୍ୱବିଦ୍ୟାଳୟର ସଦରମହକୁମା ରାୟଗଡ଼ା ଜିଲ୍ଲାର ଗୁଣୁପୁର ତହସିଲର ଖର୍ଲିଙ୍ଗ ଠାରେ ରହିବ।

(4) ବର୍ତ୍ତମାନ ଉପ-ଧାରା (1) ଅନୁଯାୟୀ ସ୍ୱୀକୃତି ପାଇବାକୁ ଥିବା, ପୁନର୍ଗଠନ ଓ ପୁନଃନାମିତ ହେବାକୁ ଥିବା ମହାବିଦ୍ୟାଳୟରେ ଅନ୍ତର୍ଭୁକ୍ତ, ବି.ପି.ୟୁ.ଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଯେଉଁ ଅଧ୍ୟୟନ ଓ ବିଭାଗଗୁଡ଼ିକୁ ଡିଗ୍ରି ଓ ଡିଷ୍ଟିଂସନ ଅର୍ପଣ କରାଯାଉଛି ସେଗୁଡ଼ିକ ଏବଂ ଭବିଷ୍ୟତରେ ସରକାରଙ୍କ ପୂର୍ବ ଅନୁମୋଦନ ନେଇ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାପିତ ହେବାକୁ ଥିବା ସମସ୍ତ ବିଦ୍ୟାଳୟ ଓ ବିଭାଗଗୁଡ଼ିକ ପ୍ରତି ବିଶ୍ୱବିଦ୍ୟାଳୟର ଅଧିକାରିତା ରହିବ।

ପ୍ରତିଷ୍ଠାର ପ୍ରଭାବ। 4. (1) ନିୟତ ତାରିଖ ଦିନ ଓ ସେହି ତାରିଖ ଠାରୁ-

(କ) ପ୍ରାୟୋଜକ ନିକାୟ ପାଖରେ ଥିବା ମହାବିଦ୍ୟାଳୟର ନିୟନ୍ତ୍ରଣ ଓ ପରିଚାଳନା ଭାର ତଥା ମହାବିଦ୍ୟାଳୟ ସଂପର୍କିତ ସମସ୍ତ ସଂପତ୍ତି ଓ ଆସ୍ତିଗୁଡ଼ିକର ନିୟନ୍ତ୍ରଣ ଓ ପରିଚାଳନା ଭାର ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହୋଇଯିବ ଓ ତାହା ଉପରେ ନ୍ୟସ୍ତ ହେବ।

(ଖ) ମହାବିଦ୍ୟାଳୟର ସମସ୍ତ ସଂପତ୍ତି ଓ ଆସ୍ତି ତଥା ମହାବିଦ୍ୟାଳୟର କୌଣସି ନଗଦ ଅବଶେଷ ବା କୌଣସି ବ୍ୟାଙ୍କରେ ବା ଅନ୍ୟଥା ତାହାର ଆକାଉଣ୍ଟରେ ଥିବା ସମସ୍ତ ଜମା ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହୋଇଯିବ ଓ ତାହାଠାରେ ନ୍ୟସ୍ତ ହେବ।

(ଗ) ଏହି ଧାରାରେ ଅନ୍ୟଥା ବ୍ୟବସ୍ଥା ହୋଇନଥିଲେ ମହାବିଦ୍ୟାଳୟର ସମସ୍ତ ଅଧିକାର, କ୍ଷମତା ଓ ସ୍ୱାଧିକାର, କର୍ତ୍ତବ୍ୟ, ଋଣ ଓ ଦାୟିତ୍ୱ ଓ ବାଧ୍ୟତା, ଯାହାକି ମହାବିଦ୍ୟାଳୟର ବ୍ୟାପାର ନିମନ୍ତେ ଉଦ୍‌ଭୂତ ହୋଇଥାଏ, ସୃଷ୍ଟି ହୋଇଥାଏ ବା କରାଯାଇଥାଏ, ସେଗୁଡ଼ିକ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହୋଇଯିବ ଓ ତାହାଠାରେ ନ୍ୟସ୍ତ ହେବ।

(ଘ) ଧାରା 3 ର ଉପ-ଧାରା (1) ଅନୁଯାୟୀ ଅଧିସୂଚନା ତାରିଖର ଠିକ୍ ପୂର୍ବରୁ ମହାବିଦ୍ୟାଳୟ ବ୍ୟାପାର ସଂପର୍କରେ ଯଥାବିଧି ନିଯୁକ୍ତ ହୋଇଥିବା ଓ ମହାବିଦ୍ୟାଳୟରେ ସେବାରତ ପ୍ରତ୍ୟେକ କର୍ମଚାରୀ ଓ ଶିକ୍ଷକ ବିଶ୍ୱବିଦ୍ୟାଳୟରେ ସେହି ଏକା ନିର୍ବନ୍ଧନ ଓ ସର୍ତ୍ତାବଳୀ ଅନୁସାରେ ଏବଂ ସମାନ ଅଧିକାର ଓ ସ୍ୱାଧିକାର ସହିତ ବିଶ୍ୱବିଦ୍ୟାଳୟରେ ପଦଧାରଣ କରିବେ ଓ ସେବା କରିବେ।

(2) ଉପ-ଧାରା (1) ଅନୁଯାୟୀ ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର ହୋଇଥିବା ସମସ୍ତ ସଂପତ୍ତି, ଆସ୍ତି ଓ ଅଧିକାର, ନିୟତ ତାରିଖର ଠିକ୍ ପୂର୍ବରୁ ଯେଉଁ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲା ବା ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା, ସେହି ଉଦ୍ଦେଶ୍ୟରେ ବ୍ୟବହାର ହେବ।

(3) ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନିୟମ, 2002 ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, 1989 ଏବଂ ବି.ପି.ୟୁ.ଟି ଅଧିନିୟମ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ତଦଧୀନ ପ୍ରଣୀତ କାନୁନ୍‌ରେ ଯାହାକିଛି ଥିବା ସତ୍ତ୍ୱେ-

(କ) ନିୟତ ତାରିଖ ଠାରୁ ମହାବିଦ୍ୟାଳୟ, ବି.ପି.ୟୁ.ଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହିତ ଆଉ ସହବଦ୍ଧ ହୋଇ ରହିବ ନାହିଁ ଏବଂ ବିଶ୍ୱବିଦ୍ୟାଳୟକୁ ଅନ୍ତରିତ ହୋଇଯିବ;

(ଖ) ନିୟତ ତାରିଖ ପୂର୍ବରୁ ଯେ କୌଣସି ନାମରେ ନାମିତ ସମସ୍ତ ଅଧ୍ୟୟନ ବିଦ୍ୟାଳୟ ବା ଅଧ୍ୟୟନ କାର୍ଯ୍ୟକ୍ରମ ବା ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ଏକୀଭୂତ ହୋଇଯିବ;

(ଗ) ନିୟତ ତାରିଖ ପୂର୍ବରୁ ବି.ପି.ୟୁ.ଟି. ବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବା ସ୍ୱୟଂଶାସିତ ହୋଇଥିବା ମହାବିଦ୍ୟାଳୟର କୌଣସି ପରୀକ୍ଷା ପାଇଁ ଅଧ୍ୟୟନ କରୁଥିବା ମହାବିଦ୍ୟାଳୟର କୌଣସି ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟର ଜଣେ ବିଦ୍ୟାର୍ଥୀ ରୂପେ ତାଙ୍କର ଅଧ୍ୟୟନ ଜାରି ରଖିବେ ଓ ସେଠାରେ ତାଙ୍କ ପାଠ୍ୟକ୍ରମ ସଂପୂର୍ଣ୍ଣ କରିବାକୁ ଅନୁମତି ପାଇବେ ଏବଂ ବିଶ୍ୱବିଦ୍ୟାଳୟର ପରୀକ୍ଷା ଦେବା ପାଇଁ ଅନୁମତି ପାଇବେ।

(ଘ) ଖଣ୍ଡ (ଗ) ରେ ସୂଚିତ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ବିଶ୍ୱବିଦ୍ୟାଳୟ, ସେପରି ପରୀକ୍ଷାର ଫଳାଫଳ ଆଧାରରେ ଅନୁରୂପ ଡିଗ୍ରି ବା ଅନ୍ୟ ବିଦ୍ୟାଗତ ଡିଷ୍ଟିଂସନ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବ।

ମାନାଦର୍ଶ ଓ ଅନ୍ୟ ସର୍ତ୍ତଗୁଡ଼ିକର ପୂରଣ।

5. ଧାରା 3 ର ଉପଧାରା (1) ଅନୁଯାୟୀ ଅଧିସୂଚନା ଜାରି କରିବା ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ରିପୋର୍ଟକୁ ଆଧାର କରି, ଭୂମି, କୋଠାବାଡ଼ି, ଲାଇବ୍ରେରୀ, ଲାବୋରାଟୋରି, ଯନ୍ତ୍ରପାତି, କମ୍ପ୍ୟୁଟର, ଆସବାବପତ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମତେ ଅନ୍ୟ ଭିତ୍ତିଭୂମି ସୁବିଧା ସଂପର୍କରେ ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ବା ଆରୋପିତ ସମସ୍ତ ମାନାଦର୍ଶ ଓ ଅନ୍ୟ ସର୍ତ୍ତମାନ ମହାବିଦ୍ୟାଳୟ ପୂରଣ କରୁଛି ବୋଲି ରାଜ୍ୟ ସରକାର ସୁନିଶ୍ଚିତ ହେବେ।

ଅଙ୍ଗୀକାର ପତ୍ର।

6. ଧାରା 1 ର ଉପ-ଧାରା (2) ଅନୁଯାୟୀ ଅଧିସୂଚନା ଜାରି ହେବା ପରେ ଓ ନିୟତ ତାରିଖ ପୂର୍ବରୁ ପ୍ରାୟୋଜକ ନିକାୟ ନିମ୍ନମତେ ଏକ ଅଙ୍ଗୀକାର ପତ୍ର ଦେବେ-

(କ) ବିଶ୍ୱବିଦ୍ୟାଳୟରେ କୌଣସି ବିଦ୍ୟାଳୟ ବା ବିଭାଗ ବା ଅଧ୍ୟୟନର ବିଷୟ ଯେଉଁ ତାରିଖରେ ନ୍ୟସ୍ତ ହେବ, ସେହି ତାରିଖ ପୂର୍ବରୁ ସେପରି ପ୍ରତ୍ୟେକ ବିଦ୍ୟାଳୟ, ବିଭାଗ ବା ଅଧ୍ୟୟନର ବିଷୟ ପାଇଁ ଅତି କମ୍‌ରେ ଜଣେ ପ୍ରଫେସର, ଦୁଇଜଣ ଆସୋସିଏଟ୍ ପ୍ରଫେସର ଓ ତିନିଜଣ ସହକାରୀ ପ୍ରଫେସର / ଅଧ୍ୟାପକଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତ ଦେବା ସହିତ ଆବଶ୍ୟକ ସଂଖ୍ୟକ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବେ;

(ଖ) ଉଚିତ ଶିକ୍ଷାଦାନ ପ୍ରଣାଳୀ ସହିତ ଏକ ସୁସ୍ଥ ସାମାଜିକ ତଥା ସାଂସ୍କୃତିକ ବାତାବରଣ ସୃଷ୍ଟି କରିବା ଲାଗି ସେମିନାର, ତର୍କ ପ୍ରତିଯୋଗିତା, କୁଇଜ୍ କାର୍ଯ୍ୟକ୍ରମ ଭଳି ପାଠ୍ୟକ୍ରମ ସଂପର୍କିତ କାର୍ଯ୍ୟକଳାପ ଓ ଖେଳ କସରତ, କ୍ରୀଡ଼ା, ଜାତୀୟ ସେବା କାର୍ଯ୍ୟକ୍ରମ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଗଠନ ଭଳି ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ତଥା ବିଦ୍ୟାର୍ଥୀମାନଙ୍କ ହିତ ଦୃଷ୍ଟିରୁ ନିୟାମକ ନିକାୟ ଦ୍ୱାରା ସ୍ଥିରୀକୃତ ମାନାଦର୍ଶ ଅନୁସାରେ ସେପରି ଅନ୍ୟାନ୍ୟ କାର୍ଯ୍ୟକ୍ରମର ପ୍ରଚଳନ କରିବେ;

(ଗ) ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ ଲାଗି ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବେ;

(ଘ) ନିୟମକ ନିକାୟଗୁଡ଼ିକ ଦ୍ୱାରା ସମୟକୁ ସମୟ ବିହିତ ହେବା ମତେ ସେପରି ଅନ୍ୟାନ୍ୟ ସର୍ତ୍ତାବଳୀ ପୂରଣ କରିବେ ଓ ସେପରି ଅନ୍ୟାନ୍ୟ ସୂଚନା ଯୋଗାଇ ଦେବେ;

(ଙ) କୌଣସି ଡିଗ୍ରି ବା ସ୍ନାତକୋତ୍ତର ଡିଗ୍ରି ପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଉଥିବା ଅଧ୍ୟୟନ କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ସଂପୃକ୍ତ ନିୟାମକ ନିକାୟ ଦ୍ୱାରା ସମୟକୁ ସମୟ ସଂଶୋଧନ ହେବା ମତେ ସଂପୃକ୍ତ ବିନିୟମାବଳୀ ବା ମାନାଦର୍ଶର ଅନୁରୂପ ହେବ;

(ଚ) ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ହୋଇଥିବା ନୀତି ନିୟମ ବା ମାର୍ଗଦର୍ଶୀ ନୀତି ଅନୁସାରେ ନାମଲେଖା ପ୍ରକ୍ରିୟା ଓ ଫିସ୍ ଧାର୍ଯ୍ୟ କରାଯିବ;

(ଛ) ସର୍ବ ଭାରତୀୟ ପରୀକ୍ଷାରୁ କଡ଼ାକଡ଼ି ଭାବରେ ଗୁଣାଗୁଣକୁ ଆଧାର କରି ନାମଲେଖା ଯିବ;

(ଜ) (ବିଲୋପ କରାଯାଇଛି) ;

(ଝ) ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା କର୍ମଚାରୀମାନଙ୍କର ୟୁ.ଜି.ସି ଓ ଏ.ଆଇ.ସି.ଟି.ଇ ବା ଅନ୍ୟାନ୍ୟ ସଂପୃକ୍ତ ନିୟାମକ ନିକାୟ ଦ୍ୱାରା ବିହିତ ହୋଇଥିବା ମତେ ସର୍ବନିମ୍ନ ଯୋଗ୍ୟତା ରହିବ ଏବଂ ସେମାନଙ୍କୁ ୟୁ.ଜି.ସି ଓ ଏ.ଆଇ.ସି.ଟି.ଇ ର ମାର୍ଗଦର୍ଶୀ ନୀତି ଅନୁସାରେ ଉପଯୁକ୍ତ ଦରମା ଦିଆଯିବ;

(ଞ) ବିଶ୍ୱବିଦ୍ୟାଳୟ ସବୁ ବର୍ଗର ଲୋକମାନଙ୍କ ପାଇଁ ଉନ୍ମୁକ୍ତ ରହିବ ଓ ଲିଙ୍ଗ, ଜାତି ସଂପ୍ରଦାୟ, ଧର୍ମ, ବର୍ଣ୍ଣ, ବାସସ୍ଥାନ ଦୃଷ୍ଟିରୁ କାହାରିକୁ ବାଛବିଚାର କରାଯିବ ନାହିଁ। ଧାର୍ମିକ ବିଶ୍ୱାସ ବୃତ୍ତିଗତ କାରଣରୁ କୌଣସି ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଭାବେ ଅନ୍ୟ କୌଣସି ପଦରେ ନିଯୁକ୍ତ ଦେବା ଲାଗି ବା ବିଦ୍ୟାର୍ଥୀ ଭାବେ ନାମ ଲେଖାଇବା ଲାଗି ବା କୌଣସି ପ୍ରକାରର ସୁବିଧା ସୁଯୋଗ ଉପଭୋଗ ବା ପ୍ରୟୋଗ କରିବା ଲାଗି କୌଣସି ପ୍ରକାରର ପରୀକ୍ଷା କରାଯିବ ନାହିଁ କି କାହାରିକୁ ବାଧ କରାଯିବ ନାହିଁ;

(ଟ) ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ହେବା ମତେ ସେପରି ଅନ୍ୟାନ୍ୟ ସର୍ତ୍ତମାନ ପୂରଣ କରିବ ଓ ସେପରି ଅନ୍ୟାନ୍ୟ ସୂଚନାମାନ ଯୋଗାଇ ଦେବ;

(ଠ) (ବିଲୋପ କରାଯାଇଛି) ।

ବିଶ୍ୱବିଦ୍ୟାଳୟ ଆର୍ଥିକ ସହାୟତା ପାଇବା ପାଇଁ ହକ୍‌ଦାର ହେବ ନାହିଁ।

7. ବିଶ୍ୱବିଦ୍ୟାଳୟଟି ବହୁ ଅଧ୍ୟୟନ ବିଷୟ ଥିବା, ଏକକ, ଘରୋଇ, ନିଜ ଅର୍ଥ ବ୍ୟବସ୍ଥାରେ ପରିଚାଳିତ ଅଣ-ସହବନ୍ଧକାରୀ ହେବ ଓ ତାହା କୌଣସି ପ୍ରକାର ସହାୟକ ଅନୁଦାନ (ଗ୍ରାଣ୍ଟଇନ୍-ଏଡ଼) କିମ୍ବା ରାଜ୍ୟ ସରକାର ବା ରଜ୍ୟ ସରକାରଙ୍କର ନିଜସ୍ୱ ବା ତାହାଙ୍କ ଦ୍ୱାରା ପରିଚାଳିତ ଅନ୍ୟ କୌଣସି ନିକାୟ ବା ନିଗମ ଠାରୁ କୌଣସି ପ୍ରକାର ଆର୍ଥିକ ସହାୟତା ପାଇବା ଲାଗି ଦାବି କରିବ ନାହିଁ।

ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ।

୫. ଯେଉଁ ଲକ୍ଷ୍ୟ ସାଧନ ଲାଗି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି, ତାହା ନିମ୍ନରେ ଦର୍ଶାଗଲା:-

(କ) ଯାନ୍ତ୍ରିକ ତଥା ପ୍ରଯୁକ୍ତିବିଦ୍ୟା ଓ ମ୍ୟାନେଜମେ□ଇତ୍ୟାଦି ବିଷୟରେ ଏବଂ ଯେପରି ଉପଯୁକ୍ତ ବିବେଚନା କରାଯାଇପାରେ, ସେପରି ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷାଦାନ ଓ ଗବେଷଣାର ସୁବିଧାସୁଯୋଗ ଯୋଗାଇ ଦେଇ ଉନ୍ନତ ଜ୍ଞାନ କୌଶଳର ବ୍ୟାପକ ପ୍ରଚାର ପ୍ରସାର କରିବା;

(କ-1) ସଂପୃକ୍ତ ନିୟାମକ ନିକାୟର ମାର୍ଗଦର୍ଶୀ ନୀତି ଅନୁସାରେ ନିରନ୍ତର ଓ ଦୂର ଶିକ୍ଷା କାର୍ଯ୍ୟକ୍ରମ କରିବା ;

(ଖ) ପରୀକ୍ଷା ବା ମୂଲ୍ୟାୟନର ଅନ୍ୟ ଯେକୌଣସି ପ୍ରଣାଳୀକୁ ଭିତ୍ତିକରି ଡ଼ିଗ୍ରି, ଡ଼ିପ୍ଲୋମା, ଚାଟରସ୍, ପଦବୀ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ପ୍ରଦାନ କରିବା;

(ଗ) ଭାରତ ବା ଭାରତ ବାହାରେ ଥିବା ଅନ୍ୟାନ୍ୟ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ, ଗବେଷଣା ଅନୁଷ୍ଠାନ ଓ ଶିଳ୍ପସଂସ୍ଥା ବୃତ୍ତିଗତ ନିକାୟ ବା ଅନ୍ୟ ଯେକୌଣସି ସଂସ୍ଥା ସହିତ ସହଯୋଗ ସ୍ଥାପନକରିବା; ଛାତ୍ରଛାତ୍ରୀ, ଫାକ୍‌ଲିଟି ସଦସ୍ୟ ଓ ଅନ୍ୟମାନଙ୍କ ଲାଗି ନିର୍ଦ୍ଦିଷ୍ଟ ମାନର ଶିକ୍ଷାଗତ ଓ ଗବେଷଣାତ୍ମକ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ବିନିମୟ କାର୍ଯ୍ୟକ୍ରମମାନ ପ୍ରସ୍ତୁତ, ପରିକଳ୍ପନା ତଥା ବିକାଶ କରିବା;

(ଘ) ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ କରିବା ପାଇଁ ଓ ବିଶ୍ୱସ୍ତରୀୟ ନେତୃତ୍ୱ ନେବାରେ ଭାରତକୁ ପ୍ରସ୍ତୁତ କରିବା ପାଇଁ ଆନ୍ତର୍ଜାତୀୟ ସ୍ତରର ସମକକ୍ଷ ସାମଗ୍ରିକ ଶିକ୍ଷା ପ୍ରଦାନ କରିବା;

(ଙ) ସଂପୃକ୍ତ ବିଦ୍ୟାଳୟଗୁଡ଼ିକ ଦ୍ୱାରା ଦିଆଯାଉଥିବା କାର୍ଯ୍ୟକ୍ରମ ଓ ପାଠ୍ୟକ୍ରମଗୁଡ଼ିକୁ ଏକୀଭୂତ କରିବା;

(ଚ) ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ବିଦ୍ୟାଳୟ, ମ୍ୟାନେଜମେଣ୍ଟ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଥିବା ଓ ବିଶ୍ୱବିଦ୍ୟାଳୟରେ ଏକୀଭୂତ ହୋଇଥିବା ଅନ୍ୟାନ୍ୟ ବିଦ୍ୟାଳୟ ବାଦ୍, ଉପଯୁକ୍ତ ବିବେଚନା କରିବା ମତେ ସରକାରଙ୍କ ଅନୁମୋଦନ ନେଇ ଅନ୍ୟ ଯେକୌଣସି ବିଦ୍ୟାଳୟ ସ୍ଥାପନ କରିବା;

(ଛ) ସେମିନାର, କନ୍‌ଫରେନ୍‌ସ, କାର୍ଯ୍ୟନିର୍ବାହୀ ଶିକ୍ଷା ଯୋଜନା, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଜରିଆରେ ଜ୍ଞାନର ପରିପ୍ରକାଶ କରିବା;

(ଜ) ଭାରତ ବା ଭାରତ ବାହାରେ ଥିବା ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକରେ ବିଶ୍ୱବିଦ୍ୟାଳୟ ଫାକଲ୍‌ଟି ସଦସ୍ୟମାନଙ୍କର ପ୍ରଶିକ୍ଷଣ ଓ ବିକାଶ ଲାଗି କାର୍ଯ୍ୟକ୍ରମ ଆୟୋଜନ କରିବା;

(ଝ) ଭାରତ ବା ଭାରତ ବାହାରେ ଥିବା କୌଣସି ସଂସ୍ଥା ସହ ମିଳିତ ସହଯୋଗରେ ଗବେଷଣା କାର୍ଯ୍ୟ ହାତକୁ ନେବା;

(ଞ) ଉଚ୍ଚତର ମାନର ବୌଦ୍ଧିକ ଦକ୍ଷତା ସୃଷ୍ଟି କରିବା;

(ଟ) ଶିକ୍ଷାନୁଷ୍ଠାନ, ସରକାରୀ ତଥା ସାର୍ବଜନିକ ସଂସ୍ଥାଗୁଡ଼ିକୁ ପରାମର୍ଶଦାତା ଯୋଗାଇ ଦେବା;

(ଠ) ବିଶ୍ୱବିଦ୍ୟାଳୟର ଡିଗ୍ରି, ଡିପ୍ଲୋମା, ଝଟରସ୍, ପ୍ରମାଣପତ୍ର ତଥା ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ଯଥାସ୍ଥିତି, ନିୟାମକ ନିକାୟଗୁଡ଼ିକ ଦ୍ୱାରା ସ୍ଥିରୀକୃତ ମାନ ଠାରୁ ନିମ୍ନମାନର ନ ହେବା ଲାଗି ସୁନିଶ୍ଚିତ ହେବା;

(ଡ଼) ଉପରୋକ୍ତ ଲକ୍ଷ୍ୟ ହାସଲପାଇଁ ପ୍ରୋତ୍ସାହନ ଦେବା ଲାଗି ଯେପରି ଆବଶ୍ୟକ ଓ ସମୀଚୀନ ମନେ ହେବ ସେପରି ସମସ୍ତ ବିଷୟ କରିବା; ଏବଂ

(ଢ଼) ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଅନୁମୋଦନ କରାଯାଇପାରେ, ଲକ୍ଷ୍ୟ ହାସଲ ଲାଗି ସେପରି ଅନ୍ୟ ଯେକୌଣସି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା।

ବିଶ୍ୱବିଦ୍ୟାଳୟର କ୍ଷମତା।

୨. ଏହି ଅଧିନିୟମରେ ଥିବା ଅନ୍ୟାନ୍ୟ ବ୍ୟବସ୍ଥା, କାନୁନ୍ ବା ତଦଧୀନ ପ୍ରଣୀତ ନିୟମାବଳୀ ବା ତତ୍ ସମୟେ ପ୍ରବୃତ୍ତ ଅନ୍ୟ କୌଣସି ବିଧି ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟର ନିମ୍ନୋକ୍ତ କ୍ଷମତାମାନ ରହିବ, ଯଥା–

(କ) ଧାରା ୪ ର ଖଣ୍ଡ (ଚ) ରେ ଉଲ୍ଲିଖିତ ହୋଇଥିବା ମତେ ଅଧ୍ୟୟନର ବିଭିନ୍ନ ବିଷୟ ସକାଶେ ବିଦ୍ୟାଳୟମାନ ସ୍ଥାପନ ତଥା ତାହାର ବିକାଶ ସାଧନ କରିବା;

(କ-1) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ବେସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ସେଥିରେ ମାନର ଅନୁରକ୍ଷଣ) ବିନିୟମାବଳୀ, 2003 ବା ସମୟକୁ ସମୟ ତାହା ପ୍ରତି ପ୍ରଯୁଜ୍ୟ ଅନ୍ୟ କୌଣସି ବ୍ୟବସ୍ଥା ସହିତ ସଂଗତି ରକ୍ଷାକରି ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହାସଲ କରିବା ଦିଗରେ ସେ ଉଚିତ ମନେ କରିବା ମତେ ଅଫ-କ୍ୟାମ୍ପସ କେନ୍ଦ୍ର ବା ଅଧ୍ୟୟନ କେନ୍ଦ୍ରମାନ ସ୍ଥାପନ କରିବା ;

(କ-2) ସଂପୃକ୍ତ ନିୟାମକ ନିକାୟର ମାନାଦର୍ଶ ଓ ମାର୍ଗଦର୍ଶୀ ନୀତି ଅନୁସାରେ ନିରନ୍ତର ଓ ଦୂର ଶିକ୍ଷା କାର୍ଯ୍ୟକ୍ରମମାନ ଚାଲୁକରିବା ;

(ଖ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହାସଲରେ ଉନ୍ନତି ସାଧନ ଲାଗି ଯେପରି ଆବଶ୍ୟକ ଓ ସାଧ୍ୟ ହୋଇପାରେ ସେପରି ଅନ୍ୟାନ୍ୟ କାର୍ଯ୍ୟକଳାପମାନ ଆରମ୍ଭ କରିବା;

(ଗ) ଧାରା ୪ରେ ଉଲ୍ଲିଖିତ ରୀତିରେ ଓ କାନୁନ୍‌ରେ ବିନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ଡିଗ୍ରି, ଡିପ୍ଲୋମା, ଝଟରସ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ଓ ବୃତ୍ତିଗତ ଉପାଧି ପ୍ରଦାନ କରିବା;

(ଘ) କାନୁନ୍‌ରେ ଥିବା ବ୍ୟବସ୍ଥା ଅନୁଯାୟୀ ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ), ବିଦ୍ୟାବୃତ୍ତି (ସ୍କଲାରସିପ୍) ଓ ପୁରସ୍କାର (ପ୍ରାଇଜ) ଇତ୍ୟାଦିର ପ୍ରଚଳନ ଓ ଅର୍ପଣ କରିବା;

(ଙ) କାନୁନ୍ ବା ନିୟମାବଳୀ ଦ୍ୱାରା ଯେପରି ଧାର୍ଯ୍ୟ କରାଯାଇପାରେ ସେପରି ଫିସ୍, ବିଲ୍, ଇନଭଏସ୍‌ମାନ ଗ୍ରହଣ କରିବା ତଥା ସେପରି ଦେୟ ଆଦାୟ କରିବା;

(ଚ) ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଲାଗି ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ମାନ ଅନୁଷ୍ଠିତ କରାଇବା ସକାଶେ ବ୍ୟବସ୍ଥା କରିବା;

(ଛ) ବିଶ୍ୱବିଦ୍ୟାଳୟର ବା ଅଧ୍ୟୟନ କେନ୍ଦ୍ରଗୁଡ଼ିକରେ ଫାଇଲଟି, ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା;

(ଜ) ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଯେକୌଣସି ପ୍ରକାରର ଦାନ ଓ ଉପହାର ଗ୍ରହଣ କରିବା, ଏବଂ ଯେକୌଣସି ସ୍ଥାବର ବା ଅସ୍ଥାବର ତଥା ନ୍ୟାସ ଓ ପ୍ରଦତ୍ତ ସଂପତ୍ତିକୁ ଅର୍ଜନ, ପରିଚାଳନା, ରକ୍ଷଣାବେକ୍ଷଣ ଓ ହସ୍ତାନ୍ତର କରିବା;

(ଝ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶସ୍ତଗୃହ (ହଲ) ଓ ସ୍ୱୀକୃତିପ୍ରାପ୍ତ ବାସଗୃହ ନିର୍ମାଣ ତଥା ତାହାର ରକ୍ଷଣାବେକ୍ଷଣ କରିବା;

(ଞ) ବାସଗୃହକୁ ତଦାରଖ ଓ ନିୟନ୍ତ୍ରଣ କରିବା, ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସବୁ ବର୍ଗର କର୍ମଚାରୀମାନଙ୍କୁ ନିୟନ୍ତ୍ରଣାଧୀନରେ ରଖିବା ଓ ସେହି କର୍ମଚାରୀମାନଙ୍କ ଲାଗି ସେବା ସର୍ତ୍ତାବଳୀ ସହିତ ସେମାନଙ୍କର ଆଚରଣ ବିଧି ସ୍ଥିର କରିବା;

(ଟ) ଶିକ୍ଷାଦାନ ତଥା ପ୍ରଶାସନିକ ବ୍ୟବସ୍ଥା ଓ ଅନ୍ୟାନ୍ୟ କାର୍ଯ୍ୟ ଲାଗି କର୍ମଚାରୀ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପଦମାନ ସୃଷ୍ଟି କରିବା;

(ଠ) ବିଶ୍ୱବିଦ୍ୟାଳୟ ସମୟକୁ ସମୟ ଯେପରି ସ୍ଥିର କରିବ, ସେପରି ରୀତି ଓ ସେପରି ଉଦ୍ଦେଶ୍ୟରେ ଅନ୍ୟାନ୍ୟ ଘରୋଇ ଓ ଦେଶ ବାହାରେ ଥିବା ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକ ସହିତ ସହଯୋଗ ସ୍ଥାପନ କରିବା;

(ଡ଼) ଶିକ୍ଷକ, ଉନ୍ନୟନକାରୀ ସଂସ୍ଥା, ପାଠ୍ୟକ୍ରମ ପ୍ରସ୍ତୁତକାରୀ, ମୂଲ୍ୟାୟନକାରୀ ତଥା ଅନ୍ୟାନ୍ୟ ଶିକ୍ଷାଦାନ କର୍ମଚାରୀମାନଙ୍କ ଲାଗି ସତେଜକ (ରିଫ୍ରେସର) ପାଠ୍ୟକ୍ରମ, ଓରିଏଣ୍ଟସନ ପାଠ୍ୟକ୍ରମ, କର୍ମଶାଳା, ସେମିନାର ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରିବା;

(ଢ଼) ବିଦ୍ୟାପରିଷଦର ଅନୁମୋଦନ କ୍ରମେ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଲାଗି ନୀତିନିୟମ ନିର୍ଦ୍ଧାରଣ କରିବା;

(ଣ) ବିଶ୍ୱବିଦ୍ୟାଳୟର ଯେକୌଣସି ପାଠ୍ୟକ୍ରମରେ ନାମଲେଖା ଲାଗି ଓଡ଼ିଶା ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା;

(ତ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହାସଲ ଲାଗି ଯେପରି ଆବଶ୍ୟକ ହୋଇପାରେ ସେପରି ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବା ବିଷୟ କାର୍ଯ୍ୟକାରୀ କରିବା;

(ଥ) ସ୍ନାତକ ଡିଗ୍ରି, ସ୍ନାତକୋତ୍ତର ଡିଗ୍ରି, ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍, ଡିଗ୍ରି, ଦର୍ଶନଶାସ୍ତ୍ରରେ ମାଷ୍ଟର ଡିଗ୍ରି ଏବଂ ସେପରି ଅନ୍ୟାନ୍ୟ ଡିଗ୍ରି, ଡିପ୍ଲୋମା, ଚଟରସ, ପଦବୀ ଓ ପ୍ରମାଣପତ୍ର ପାଇଁ ଯେପରି ଆବଶ୍ୟକ ହୋଇପାରେ ସେପରି ପାଠ୍ୟକ୍ରମ ବିହିତ କରିବା;

(ଦ) ଶିକ୍ଷାଦାନ ସମ୍ବନ୍ଧୀୟ ଉପକରଣ ସମେତ ଫିଲ୍ମ, କ୍ୟାସେଟ୍, ଟେପ, ଭିଡିଓକ୍ୟାସେଟ, କମ୍ପାକ୍ଟ ଡିସ୍କ, ଭର୍ଚ୍ଚୁଅରଆଲ କମ୍ପାକ୍ଟ ଡିସ୍କ ଓ ଅନ୍ୟାନ୍ୟ ସଫ୍‌ଟୱ୍ୟାୟାର ଇତ୍ୟାଦି ପ୍ରସ୍ତୁତି ଲାଗି ବ୍ୟବସ୍ଥା କରିବା;

(ଧ) ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ, ପ୍ରତିଭୂ (ସିକ୍ୟୁରିଟି) ରଖି ବା ନ ରଖି ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ଅର୍ଥ ଉଠାଇବା, ସଂଗ୍ରହ କରିବା, ଚନ୍ଦା ଦେବା ଓ ଋଣ କରିବା;

(ନ) ଚୁକ୍ତି କରିବା, ତାହା କାର୍ଯ୍ୟକାରୀ, ପରିବର୍ତ୍ତନ ବା ବାତିଲ କରିବା;

(ପ) ଉପରୋକ୍ତ କ୍ଷମତାମାନ ପ୍ରୟୋଗ କରିବା ଲାଗି ଯେପରି ଆବଶ୍ୟକ ବା ସମୀଚୀନ ମନେ ହେବ ସେପରି ଅନ୍ୟ ସମସ୍ତ ବିଷୟ କରିବା।

ସମସ୍ତ ବର୍ଗ, ଜାତି, ବର୍ଣ୍ଣ, ଧର୍ମ, ଭାଷାଭାଷି ଓ ଲିଙ୍ଗର ଲୋକମାନଙ୍କ ପାଇଁ ବିଶ୍ୱବିଦ୍ୟାଳ ଉନ୍ମୁକ୍ତ ରହିବ।

10. ଜାତି, ବର୍ଣ୍ଣ, ଧର୍ମ, ଭାଷା, ନିବାସସ୍ଥାନ ଓ ଲିଙ୍ଗ ନିର୍ବିଶେଷରେ ବିଶ୍ୱବିଦ୍ୟାଳୟ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ।

ଜାତୀୟ ଅଧିସ୍ୱୀକୃତି।

11. (1) ବିଶ୍ୱବିଦ୍ୟାଳୟ, ସଂପୃକ୍ତ ଜାତୀୟ ଅଧିସ୍ୱୀକୃତ ନିକାୟଗୁଡ଼ିକଠାରୁ ଅଧିସ୍ୱୀକୃତି ପାଇବା ପାଇଁ ଆବେଦନ କରିବ ଓ ତାହା ହାସଲ କରିବ ତଥା ବଜାୟ ରଖିବ ଏବଂ ତାହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମ, 1956 ଓ ବେସରକାରୀ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତରେ ସମୟକୁ ସମୟ ତଦଧୀନ ପ୍ରଣୀତ ବିନିୟମାବଳୀ ଓ ମାର୍ଗଦର୍ଶୀ ନୀତି ପ୍ରତି ସାପେକ୍ଷ ହେବ।

(2) ସ୍ନାତକ ବା ସ୍ନାତକୋତ୍ତର ଡିଗ୍ରି ପ୍ରଦାନ କରିବାପାଇଁ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ପାଇଁ ବିଶ୍ୱବିଦ୍ୟାଳୟ ସଂପୃକ୍ତ ନିୟାମକ ନିକାୟ ଗୁଡ଼ିକ ଠାରୁ ପୂର୍ବ ଅନୁମତି ବା ସ୍ୱୀକୃତି ଆଣିବ।

(3) ବୈଷୟିକ ଶିକ୍ଷା ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡ଼ିକ ସଂକ୍ରାନ୍ତରେ ଅନୁମୋଦନ ବା ସ୍ୱୀକୃତି ଲାଭ କରିବାପାଇଁ ବା ମାନକ ବଜାୟ ରଖିବା ଲାଗି ସଂପୃକ୍ତ ବିଧି, ନିୟମାବଳୀ, ବିନିୟମାବଳୀରେ ଯେଉଁ ସବୁ ବ୍ୟବସ୍ଥା ରହିଛି, ତାହା ବିଶ୍ୱବିଦ୍ୟାଳୟ ପ୍ରତି ପ୍ରଯୋଜ୍ୟ ହେବ।

## ଅଧ୍ୟାୟ -III

## ବିଶ୍ୱବିଦ୍ୟାଳୟର ଅଭ୍ୟାଗତ ଓ ଅଧିକାରୀ ବୃନ୍ଦ

ବିଶ୍ୱବିଦ୍ୟାଳୟର ଅଧିକାରୀବୃନ୍ଦ

12. ନିମ୍ନଲିଖିତ ବ୍ୟକ୍ତିମାନେ ବିଶ୍ୱବିଦ୍ୟାଳୟର ଅଧିକାରୀ ହେବେ, ସେମାନେ ହେଲେ:-

(କ) ସଭାପତି;

(ଖ) ଉପ-ସଭାପତି;

(ଗ) କୁଳପତି;

(ଘ) ରେଜିଷ୍ଟ୍ରାର;

(ଙ) ବିଭିନ୍ନ ବିଦ୍ୟାଳୟର ଡିନ୍;

(ଚ) ଅର୍ଥ ଅଧିକାରୀ;

(ଛ) ପରୀକ୍ଷା ନିୟନ୍ତ୍ରକ; ଏବଂ

(ଜ) ବିଶ୍ୱବିଦ୍ୟାଳୟର ଅଧିକାରୀ ଭାବେ କାନୁନ ଦ୍ୱାରା ଯେପରି ଘୋଷଣା କରାଯାଇପାରେ ସେପରି ଅନ୍ୟାନ୍ୟ ଅଧିକାରୀବୃନ୍ଦ।

ଅଭ୍ୟାଗତ

13. (1) ଓଡ଼ିଶାର ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ଅଭ୍ୟାଗତ ହେବେ।

(2) ଅଭ୍ୟାଗତ ଉପସ୍ଥିତ ଥିବା ସମୟରେ ଡିଗ୍ରି, ଡିପ୍ଲୋମା, ଲେଟରସ୍, ପଦବୀ ଓ ପ୍ରମାଣପତ୍ର ପ୍ରଦାନ ଲାଗି ଅନୁଷ୍ଠିତ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବେ।

(3) କାନୁନରେ ଥିବା ପ୍ରକ୍ରିୟା ଅନୁସାରେ ଅଭ୍ୟାଗତ ନିମ୍ନଲିଖିତ କ୍ଷମତାମାନ ପ୍ରୟୋଗ କରିବେ, ସେଗୁଡ଼ିକ ହେଲା:-

(କ) ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପ ସଂକ୍ରାନ୍ତୀୟ ଯେକୌଣସି କାଗଜପତ୍ର ବା ସୂଚନା ମାଗିବା; ଏବଂ

(ଖ) ଅଭ୍ୟାଗତଙ୍କୁ ମିଳିଥିବା ସୂଚନାକୁ ଭିତ୍ତିକରି, ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, ବିଶ୍ୱବିଦ୍ୟାଳୟରେ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କୌଣସି ଆଦେଶ, କାର୍ଯ୍ୟବିଧି ବା ନିଷ୍ପତ୍ତି, ଅଧିନିୟମ, କାନୁନ୍ ବା ନିୟମାବଳୀ ଅନୁସାରେ ହୋଇ ନାହିଁ, ତେବେ ବିଶ୍ୱବିଦ୍ୟାଳୟର

ହିତ ଦୃଷ୍ଟିରୁ ସେ ଯେପରି ଉପଯୁକ୍ତ ବିବେଚନା କରିବେ ସଭାପତି ବା ଉପସଭାପତିଙ୍କୁ ସେପରି ପରାମର୍ଶ ଦେଇପାରିବେ ଏବଂ ଅଭ୍ୟାଗତଙ୍କର ସେପରି ପରାମର୍ଶକୁ ଆଧାର କରି ସଭାପତି ଓ ଉପସଭାପତି ସେ ସଂକ୍ରାନ୍ତରେ  ନିଷ୍ପତ୍ତି ନେବେ, ଯାହାକୁ କି ସଂପୃକ୍ତ ସମସ୍ତେ ଅନୁପାଳନ କରିବେ।

ସଭାପତି ଓ ତାହାଙ୍କ କ୍ଷମତା।

14. (1) ନ୍ୟାସର ଚେୟାରମ୍ୟାନ୍, ବିଶ୍ୱ ବିଦ୍ୟାଳୟର ସଭାପତି ହେବେ।

(2) ସଭାପତି ଅନୁପସ୍ଥିତ ଥିବା ସମୟରେ ଲିଖିତ ଆଦେଶ ଦେଇ ସେ ବିନିର୍ଦ୍ଦିଷ୍ଟ କରିଥିବା ଅବଧି ପାଇଁ ଓ ସେପରି କୃତ୍ୟ ଓ ଦାୟିତ୍ୱ ସଂପାଦନ କରିବା ପାଇଁ ଉପ-ସଭାପତିଙ୍କୁ ସଭାପତି ରୂପେ ପଦନାମିତ କରିପାରିବେ।

(3) ସଭାପତି, ନିୟନ୍ତ୍ରକ ମଣ୍ଡଳୀର ବୈଠକରେ ଅଧ୍ୟକ୍ଷତା କରିବେ ଏବଂ ତାଙ୍କ ଅନୁପସ୍ଥିତିରେ ଉପ-ସଭାପତି ଅଧ୍ୟକ୍ଷତା କରିବେ ଏବଂ ଉକ୍ତ ବୈଠକରେ ନିଆଯାଉଥିବା କୌଣସି ନିଷ୍ପତ୍ତିକୁ ଉଭୟ ସଭାପତି ଓ ଉପ-ସଭାପତି ଅନୁମୋଦନ କରିବା ପରେ ହିଁ କାର୍ଯ୍ୟକାରୀ କରାଯିବ।

(4) ସଭାପତିଙ୍କର ନିମ୍ନୋକ୍ତ କ୍ଷମତାମାନ ରହିବ, ଯଥା:-

(କ) ଅଭ୍ୟାଗତ ଅନୁପସ୍ଥିତ ଥିବା ସମୟରେ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବା;

(ଖ) ଯେ କୌଣସି ସୂଚନା ବା ରେକର୍ଡ ମଗାଇବା;

(ଗ) କୁଳପତିଙ୍କୁ ନିଯୁକ୍ତି ଦେବା, ଓ ତାହାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା; ଏବଂ

(ଘ) ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କାନୁନ୍ ଦ୍ୱାରା ତାହାଙ୍କୁ ଯେପରି ଅର୍ପଣ କରାଯାଇପାରେ, ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବା।

ଉପ-ସଭାପତି ଓ ତାଙ୍କ କ୍ଷମତା।

15. (1) ନ୍ୟାସର ସଂପାଦକ ବିଶ୍ୱବିଦ୍ୟାଳୟର ଉପ-ସଭାପତି ହେବେ।

(2) ସଭାପତିଙ୍କ ଅନୁପସ୍ଥିତିରେ ଉପ-ସଭାପତି, ଧାରା 14 ରେ ବିନିର୍ଦ୍ଦିଷ୍ଟ ହୋଇଥିବା ସଭାପତିଙ୍କ କୃତ୍ୟମାନ ସଂପାଦନ କରିବେ ଓ କ୍ଷମତାମାନ ପ୍ରୟୋଗ କରିବେ।

(3) ସଭାପତିଙ୍କ ଅନୁପସ୍ଥିତିରେ ଉପ-ସଭାପତି ନିୟନ୍ତ୍ରକ ମଣ୍ଡଳୀର ବୈଠକରେ ଅଧ୍ୟକ୍ଷତା କରିବେ।

(4) ବିଶ୍ୱବିଦ୍ୟାଳୟର ଉପ-ସଭାପତି, ଏହି ଅଧିନିୟମ ବା ତଦଧୀନ ପ୍ରଣୀତ କାନୁନ୍ ଦ୍ୱାରା ତାଙ୍କ ଉପରେ ଅର୍ପିତ ଓ ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ତାଙ୍କୁ ପ୍ରତିନିଧାନ କରାଯାଇଥିବା ସେପରି କ୍ଷମତାମାନ ପ୍ରୟୋଗ କରିବେ ଓ କୃତ୍ୟମାନ ସଂପାଦନ କରିବେ।

କୁଳପତି।

16. (1) ନିୟନ୍ତ୍ରକ ମଣ୍ଡଳୀଙ୍କ ଦ୍ୱାରା ସୁପାରିଶ ହୋଇଥିବା ତିନି ଜଣଙ୍କର ନାମ ଥିବା ଏକ ତାଲିକା ମଧ୍ୟରୁ ଉପ-ସଭାପତିଙ୍କ ସହିତ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା କୁଳପତିଙ୍କୁ ନିଯୁକ୍ତି ଦିଆଯିବ ଓ ସେ ତିନିବର୍ଷ ପାଇଁ ତାହାଙ୍କ ପଦରେ ରହିବେ ଏବଂ ତାହାଙ୍କ କାର୍ଯ୍ୟକାଳ ପୂରିଯିବା ପରେ ସେ ତିନିବର୍ଷରୁ ଅଧିକ ହେଉ ନଥିବା ଆଉ ଏକ କାର୍ଯ୍ୟକାଳ ସକାଶେ ପୁନଃ ନିଯୁକ୍ତି ପାଇବାଲାଗି ଯୋଗ୍ୟ ହେବେ।

(2) କୁଳପତି, ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଶୈକ୍ଷିକ ଅଧିକାରୀ ହେବେ ଏବଂ ସେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପ ଉପରେ ସାଧାରଣ ପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣ ପ୍ରୟୋଗ କରିବେ ଏବଂ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷମାନଙ୍କର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବେ।

(3) କୁଳପତିଙ୍କ ମତରେ ଯଦି ଏହି ଅଧିନିୟମ ଦ୍ୱାରା ବା ତଦନୁଯାୟୀ ଅନ୍ୟ ଯେ କୌଣସି କର୍ତ୍ତୃପକ୍ଷଙ୍କୁ ଯେଉଁ ବିଷୟରେ କ୍ଷମତା ଅର୍ପଣ କରାଯାଇଛି, ସେହି ବିଷୟରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, ତେବେ ସେପରି ସ୍ଥଳେ, ସେ ଯେପରି ସମୀଚୀନ ମନେ କରିବେ ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ଏବଂ ତାହାପରେ ଯଥା ସମ୍ଭବ ଶୀଘ୍ର, ଉକ୍ତ ବିଷୟରେ ସାଧାରଣ କ୍ରମରେ କାର୍ଯ୍ୟାନୁଷ୍ଠାନ

ନେବାକୁ ଥିବା ସେପରି ଅଧିକାରୀ ବା କର୍ତ୍ତୃପକ୍ଷଙ୍କୁ ତାହାଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ଜଣାଇବେ:

ପରନ୍ତୁ ଯଦି ସଂପୃକ୍ତ କର୍ତ୍ତୃପକ୍ଷ ସେପରି କାର୍ଯ୍ୟାନୁଷ୍ଠାନ କୁଳପତିଙ୍କ ଦ୍ୱାରା ନିଆଯିବା ଉଚିତ୍ ହୋଇନାହିଁ ବୋଲି ବିବେଚନା କରନ୍ତି, ତେବେ ତାହା ସଭାପତିଙ୍କ ନିକଟକୁ ପଠାଯିବ ଓ ସେ ଉପ-ସଭାପତିଙ୍କ ସହ ପରାମର୍ଶ କରି ସେ ବିଷୟରେ ନିଷ୍ପତ୍ତି ନେବେ ଏବଂ ଉକ୍ତ ନିଷ୍ପତ୍ତି ଚୂଡ଼ାନ୍ତ ହେବ:

ଅଧିକନ୍ତୁ ଯଦି କୁଳପତିଙ୍କ ଦ୍ୱାରା ନିଆଯାଇଥିବା ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଦ୍ୱାରା ବିଶ୍ୱବିଦ୍ୟାଳୟ ସେବାରେ ଥିବା କୌଣସି ବ୍ୟକ୍ତି ପ୍ରଭାବିତ ହୁଅନ୍ତି, ତେବେ ସେ ସେପରି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଯେଉଁ ତାରିଖରେ ତାଙ୍କୁ ଜଣାଇ ଦିଆଯାଇଥିବ, ସେହି ତାରିଖଠାରୁ ତିନି ମାସ ମଧ୍ୟରେ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଉକ୍ତ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ଅପିଲ ଦାଏର କରିବାପାଇଁ ହକ୍‌ଦାର ହେବେ ଏବଂ ନିୟନ୍ତ୍ରକ ମଣ୍ଡଳୀ, କୁଳପତିଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ କାଏମ୍ ରଖିପାରିବେ, ମାର୍ଜିତ କରିପାରିବେ ବା ବଦଳାଇ ପାରିବେ।

(4) ଯଦି କୁଳପତିଙ୍କ ମତରେ ବିଶ୍ୱବିଦ୍ୟାଳୟର କୌଣସି କର୍ତ୍ତୃପକ୍ଷଙ୍କର କୌଣସି ନିଷ୍ପତ୍ତି ଏହି ଅଧିନିୟମ, କାନୁନ୍ ଦ୍ୱାରା ଅର୍ପିତ କ୍ଷମତାର ବାହାରେ ନିଆଯାଇଥାଏ ବା ତଦ୍ୱାରା ବିଶ୍ୱବିଦ୍ୟାଳୟ ସ୍ୱାର୍ଥ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥାଏ, ତେବେ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ତାହାଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିର ତାରିଖଠାରୁ ସାତ ଦିନ ମଧ୍ୟରେ ତାହାକୁ ସଂଶୋଧନ କରିବା ଲାଗି ଅନୁରୋଧ କରିବେ ଏବଂ ଯଦି ସଂପୃକ୍ତ କର୍ତ୍ତୃପକ୍ଷ ସେପରି ନିଷ୍ପତ୍ତିକୁ ସାତ ଦିନ ମଧ୍ୟରେ ସଂପୂର୍ଣ୍ଣରୂପେ ବା ଆଂଶିକରୂପେ ସଂଶୋଧନ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ବା ସେ ବିଷୟରେ ଅନ୍ୟ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ତାହା ସଭାପତିଙ୍କ ନିକଟକୁ ପଠାଯିବ ଓ ସେ ଉପ-ସଭାପତିଙ୍କ ସହ ପରାମର୍ଶ କ୍ରମେ ଯେଉଁ ନିଷ୍ପତ୍ତି ନେବେ, ତାହା ଚୂଡ଼ାନ୍ତ ହେବ।

(5) କାନୁନ୍ ବା ନିୟମାବଳୀ ଦ୍ୱାରା ଯେପରି ବିହିତ କରାଯାଇପାରେ କୁଳପତି ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବେ ଓ ସେପରି ଅନ୍ୟାନ୍ୟ କର୍ତ୍ତବ୍ୟ ସଂପାଦନ କରିବେ।

(6) ଯଥୋଚିତ ତଦନ୍ତ କରିବାପରେ କୁଳପତିଙ୍କୁ ତାହାଙ୍କ କାର୍ଯ୍ୟରୁ ବହିଷ୍କାର କରିବା ଲାଗି ସଭାପତି କ୍ଷମତାପନ୍ନ ଅଟନ୍ତି ଏବଂ ଦୋଷାରୋପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସେପରି ତଦନ୍ତ ଚାଲୁରହିଥିବାବେଳେ ସଭାପତି ଉଚିତ୍ ମନେ କଲେ, ନିୟନ୍ତ୍ରଣ ମଣ୍ଡଳୀଙ୍କ ଅନୁମୋଦନ ନେଇ କୁଳପତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିପାରିବେ:

ପରନ୍ତୁ କୁଳପତିଙ୍କ ବହିଷ୍କାର ବା ନିଲମ୍ବନ ବିଷୟରେ ସଭାପତି, ଉପ-ସଭାପତିଙ୍କ ସହ ପରାମର୍ଶ କରିବେ।

(7) ଯଦି ସେପରି ପରିସ୍ଥିତି ଉପୁଜେ, ତେବେ କୁଳପତି, ବିଶ୍ୱବିଦ୍ୟାଳୟର ହିତ ଦୃଷ୍ଟିରୁ ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ରେଜିଷ୍ଟ୍ରାର, ବିଦ୍ୟାଳୟର ଡିନ୍, ଅର୍ଥ ଅଧିକାରୀ, ପରୀକ୍ଷା ନିୟନ୍ତ୍ରକଙ୍କୁ ବହିଷ୍କାର କରିପାରିବେ।

ବିଦ୍ୟାଳୟର ଡିନ୍।

17. (1) ଯେପରି ବିହିତ ହେବ ସେପରି ରୀତିରେ କୁଳପତିଙ୍କ ଦ୍ୱାରା ବିଦ୍ୟାଳୟଗୁଡ଼ିକର ଡିନ୍‌ମାନଙ୍କୁ ନିଯୁକ୍ତି ଦିଆଯିବ ଓ ସେମାନେ ସେପରି କ୍ଷମତା ପ୍ରୟୋଗ କରିବେ ଓ ସେପରି କର୍ତ୍ତବ୍ୟ ସଂପାଦନ କରିବେ।

(2) ଫାକଲ୍‌ଟିର ଗବେଷଣା କାର୍ଯ୍ୟକୁ ଦିଗ୍‌ଦର୍ଶନ ଦେବାରେ ନିୟମାବଳୀ ଓ ବିନିୟମାବଳୀମାନ ଯେପରି ଠିକ୍ ରୂପେ ପାଳନ କରାଯିବ, ତାହା ଦେଖିବା ପ୍ରତ୍ୟେକ ବିଦ୍ୟାଳୟର ଡିନ୍‌ଙ୍କ ଦାୟିତ୍ୱ ଅଟେ।

(3) ବିଭିନ୍ନ ବିଦ୍ୟାଳୟର ଡିନ୍‌ମାନେ ତିନି ବର୍ଷ ପାଇଁ ପଦରେ ରହିବେ।

ରେଜିଷ୍ଟ୍ରାର।

18. (1) ଯେପରି ବିହିତ ହୋଇପାରେ ସେପରି ରୀତିରେ ନିୟନ୍ତ୍ରକ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ କୁଳପତିଙ୍କ ଦ୍ୱାରା ରେଜିଷ୍ଟ୍ରାରଙ୍କୁ ନିଯୁକ୍ତ କରାଯିବ।

(2) ବିଶ୍ୱବିଦ୍ୟାଳୟ ତରଫରୁ ରେଜିଷ୍ଟ୍ରାରଙ୍କ ଦ୍ୱାରା ସମସ୍ତ ଚୁକ୍ତି ସ୍ୱାକ୍ଷରିତ ହେବ ଏବଂ ସମସ୍ତ ଦସ୍ତାବିଜ୍ ଓ ରେକର୍ଡ ଅଧିପ୍ରମାଣିତ ହେବ।

(3) ନିୟନ୍ତ୍ରକ ମଣ୍ଡଳୀଙ୍କ ଦ୍ୱାରା ସମୟକୁ ସମୟ ଯେପରି ବିହିତ କରାଯାଇପାରେ ବା ଯେପରି ଆବଶ୍ୟକ ହୋଇପାରେ, ରେଜିଷ୍ଟ୍ରାର ସେପରି ଅନ୍ୟାନ୍ୟ ସମସ୍ତ କ୍ଷମତା ପ୍ରୟୋଗ କରିବେ ଓ ଅନ୍ୟାନ୍ୟ ସମସ୍ତ କୃତ୍ୟ ସଂପାଦନ କରିବେ।

(4) ରେଜିଷ୍ଟ୍ରାର, ବିଶ୍ୱବିଦ୍ୟାଳୟର ସମସ୍ତ ରେକର୍ଡପତ୍ର ଓ ସାଧାରଣ ମୋହର ନିରାପଦରେ ରଖିବା ଲାଗି ଦାୟୀ ରହିବେ ଏବଂ ବିଶ୍ୱବିଦ୍ୟାଳୟର କାର୍ଯ୍ୟକଳାପ ସଂପାଦନରେ ଯେପରି ଆବଶ୍ୟକ ହୋଇପାରେ ସେପରି ସମସ୍ତ ପ୍ରକାର ସୂଚନା ଓ ଦସ୍ତାବିଜମାନ ସଭାପତି ଉପ-ସଭାପତି, କୁଳପତି ଓ ଅନ୍ୟ ଯେ କୌଣସି କର୍ତ୍ତୃପକ୍ଷଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ ବାଧ୍ୟ ହେବେ।

ଅର୍ଥ ଅଧିକାରୀ ଓ ପରୀକ୍ଷା ନିୟନ୍ତ୍ରକ।

19. (1) ଯେପରି ବିହିତ ହୋଇପାରେ ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ସେପରି ରୀତିରେ ଅର୍ଥ ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବ ଓ ସେ ସେପରି କ୍ଷମତା ପ୍ରୟୋଗ କରିବେ ତଥା ସେପରି କୃତ୍ୟ ସଂପାଦନ କରିବେ।

(2) ଯେପରି ବିହିତ ହୋଇପାରେ କୁଳପତିଙ୍କ ଦ୍ୱାରା ସେପରି ରୀତିରେ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତ କରାଯିବ ଓ ସେ ସେପରି କ୍ଷମତା ପ୍ରୟୋଗ କରିବେ ତଥା ସେପରି କୃତ୍ୟ ସଂପାଦନ କରିବେ।

ଅନ୍ୟାନ୍ୟ ଅଧିକାରୀ।

20. ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନଙ୍କର ନିଯୁକ୍ତି ପ୍ରଣାଳୀ, ସେବାର ନିବନ୍ଧନ ଓ ସର୍ତ୍ତାବଳୀ ଏବଂ କ୍ଷମତା, କର୍ତ୍ତବ୍ୟ ଓ କୃତ୍ୟ ସେପରି ହେବ।

## ଅଧ୍ୟାୟ – IV

## ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ।

21. ନିମ୍ନଲିଖିତମାନେ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ହେବେ, ଯଥା:-

(କ) ନିୟନ୍ତ୍ରକ ମଣ୍ଡଳୀ;

(ଖ) ପରିଚାଳନା ମଣ୍ଡଳୀ;

(ଗ) ବିଦ୍ୟା ପରିଷଦ;

(ଘ) ଅଧ୍ୟୟନ ମଣ୍ଡଳୀ;

(ଙ) ଅର୍ଥ କମିଟି; ଏବଂ

(ଚ) ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ହେବା ଲାଗି କାନୁନ୍ ଦ୍ୱାରା ଯେପରି ଘୋଷଣା କରାଯାଇପାରେ ସେପରି ଅନ୍ୟାନ୍ୟ କର୍ତ୍ତୃପକ୍ଷ।

ନିୟନ୍ତ୍ରକ ମଣ୍ଡଳୀ ଓ ତାହାଙ୍କ କ୍ଷମତା।

22. (1) ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ନିୟନ୍ତ୍ରକ ମଣ୍ଡଳୀ ଗଠନ କରାଯିବ, ଯଥା:-

(କ) ସଭାପତି;

(ଖ) ଉପ-ସଭାପତି;

(ଗ) କୁଳପତି;

(ଘ) ନ୍ୟାସ ଦ୍ୱାରା ମନୋନୀତ ତିନିଜଣ ବ୍ୟକ୍ତି, ଯେଉଁମାନେ ବିଶିଷ୍ଟ ଶିକ୍ଷାବିତ୍ ହୋଇଥିବେ;

(ଙ) ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ଦୁଇଜଣ ବିଶେଷଜ୍ଞ;

(ଚ) ଗୃହର ନେତା ଓ ବିରୋଧୀ ଦଳ ନେତାଙ୍କ ସହ ପରାମର୍ଶ କ୍ରମେ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ଓଡ଼ିଶା ବିଧାନ ସଭାର ଜଣେ ସଦସ୍ୟ;

(ଛ) ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ, ଯେ କି ପଦପ୍ରଯୁକ୍ତ ସଦସ୍ୟ ହେବେ;

(ଜ) ବିଶ୍ୱବିଦ୍ୟାଳୟର ଦୁଇଜଣ ଡିନ୍, ଯେଉଁମାନେ କି ଉପ-ସଭାପତିଙ୍କ ସହିତ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ମନୋନୀତ ହେବେ; ଏବଂ

(ଝ) ଉପ-ସଭାପତିଙ୍କ ସହିତ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା ମନୋନୀତ ଜଣେ ଜଣେ ଅର୍ଥ ବିଶାରଦ।

(2) ସଭାପତି, ନିୟନ୍ତ୍ରକ ମଣ୍ଡଳୀର ଚେୟାରମ୍ୟାନ ହେବେ।

(3) ରେଜିଷ୍ଟ୍ରାର, ନିୟନ୍ତ୍ରକ ମଣ୍ଡଳୀର ପଦ-ପ୍ରଯୁକ୍ତ ସଚିବ ହେବେ।

(4) ନିୟନ୍ତ୍ରକ ମଣ୍ଡଳୀ, ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ନିକାୟ ତଥା ମୁଖ୍ୟ ପରିଚାଳନା ନିକାୟ ହେବ ଓ ଉକ୍ତ ମଣ୍ଡଳୀର ନିମ୍ନଲିଖିତ କ୍ଷମତାମାନ ରହିବ, ଯଥା:-

(କ) ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ନୀତି ନିର୍ଦ୍ଧାରଣ କରିବା;

(ଖ) ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କର ନିଷ୍ପତ୍ତି ଯଦି ଏହି ଅଧିନିୟମ, ବା କାନୁନ ବା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ ହୋଇ ନଥିବ ତେବେ ତାହାକୁ ସମୀକ୍ଷା କରିବା;

(ଗ) ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ, ନୂତନ ବା ଅତିରିକ୍ତ କାନୁନ ଓ ନିୟମାବଳୀ ପ୍ରଣୟନ କରିବା ତଥା କାନୁନ ଓ ନିୟମାବଳୀ ସଂଶୋଧନ ବା ନିରସନ (ରିପିଲ୍) କରିବା;

(ଘ) ବିଶ୍ୱବିଦ୍ୟାଳୟର ବଜେଟ ଓ ବାର୍ଷିକ ରିପୋର୍ଟ ଅନୁମୋଦନ କରିବା;

(ଙ) ବିଶ୍ୱବିଦ୍ୟାଳୟରେ ଅଡିଟର ନିଯୁକ୍ତ କରିବା;

(ଚ) ବିଶ୍ୱବିଦ୍ୟାଳୟକୁ ସ୍ୱେଚ୍ଛାକୃତଭାବରେ ବନ୍ଦ କରିଦେବା ଲାଗି ନିଷ୍ପତ୍ତି ନେବା;

(ଛ) ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତାବମାନ ଅନୁମୋଦନ କରିବା; ଏବଂ

(ଜ) ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଯେପରି ଫଳପ୍ରଦଭାବରେ ହାସଲ କରାଯାଇପାରିବ ସେଥିପାଇଁ ଆବଶ୍ୟକ ହେଉଥିବା ସେପରି ନିଷ୍ପତ୍ତି ଓ ପଦକ୍ଷେପମାନ ଗ୍ରହଣ କରିବା।

(5) ସଭାପତି ଯେପରି ଉଚିତ ମନେକରିବେ ସେପରି ସମୟରେ ଓ ସେହି ସ୍ଥାନରେ ନିୟନ୍ତ୍ରକ ମଣ୍ଡଳୀର ବୈଠକ ଏକ ପଞ୍ଜି (କ୍ୟାଲେଣ୍ଡର) ବର୍ଷରେ ଅତି କମ୍‌ରେ ଦୁଇଥର ଅନୁଷ୍ଠିତ ହେବ।

(6) ଏହି ଧାରାରେ ଅନ୍ୟଥା ବ୍ୟବସ୍ଥା ହୋଇଥିବା ବ୍ୟତିରେକ, ନିୟନ୍ତ୍ରକ ମଣ୍ଡଳୀର ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକାଳ ସେପରି ମନୋନୟନ ତାରିଖଠାରୁ ତିନି ବର୍ଷ ହେବ।

(7) ଉପ-ସଭାପତିଙ୍କ ସହ ପରାମର୍ଶ କରି ସଭାପତିଙ୍କ ଦ୍ୱାରା ଅନୁମୋଦନ କରାଯିବା ପରେ ନିୟନ୍ତ୍ରକ ମଣ୍ଡଳୀର ଯେକୌଣସି ସୁପାରିଶ ବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ।

ପରିଚାଳନା ମଣ୍ଡଳୀ।

23. (1) ପରିଚାଳନା ମଣ୍ଡଳୀ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ, ଯଥା:-

(କ) କୁଳପତି ଯେକି ପଦପ୍ରଯୁକ୍ତ ଚେୟାରମ୍ୟାନ ହେବେ;

(ଖ) ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ଯେ କି ପଦ ପ୍ରଯୁକ୍ତ ସଚିବ ହେବେ;

(ଗ) ବିଶ୍ୱବିଦ୍ୟାଳୟର ଅର୍ଥ ଅଧିକାରୀ;

(ଘ) ପ୍ରାୟୋଜକ ନିକାୟ ଦ୍ୱାରା ନିୟନ୍ତ୍ରକ ମଣ୍ଡଳୀରୁ ମନୋନୀତ ଦୁଇଜଣ ସଦସ୍ୟ;

(ଙ) ବିଶ୍ୱବିଦ୍ୟାଳୟର ତିନିଜଣ ଡିନ୍; ଏବଂ

(ଚ) ବିଶ୍ୱବିଦ୍ୟାଳୟର ଦୁଇଜଣ ବରିଷ୍ଠ ପ୍ରଫେସର।

(2) ଯେପରି ବିହିତ ହୋଇପାରେ ପରିଚାଳନା ମଣ୍ଡଳୀର କ୍ଷମତା ଓ କୃତ୍ୟ ସେପରି ହେବ।

(3) ପଦ-ପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କର କାର୍ଯ୍ୟକାଳ ତିନିବର୍ଷ ହେବ।

ବିଦ୍ୟା ପରିଷଦ।

24. (1) ବିଦ୍ୟା ପରିଷଦ (ଏକାଡେମିକ କାଉନ୍‌ସିଲ) ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହେବ, ଯଥା:-

(କ) କୁଳପତି, ଯେକି, ପଦପ୍ରଯୁକ୍ତ ଚେୟାରମ୍ୟାନ ହେବେ;

(ଖ) ରେଜିଷ୍ଟ୍ରାର ଯେକି, ପଦପ୍ରଯୁକ୍ତ ସଚିବ ହେବେ;

(ଗ) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ମନୋନୀତ ହେବା ମତେ ସେପରି ଅନ୍ୟ ସଦସ୍ୟ।

(2) ବିଦ୍ୟାପରିଷଦ, ବିଶ୍ୱବିଦ୍ୟାଳୟର ମୁଖ୍ୟ ଶିକ୍ଷା ନିକାୟ ହେବ ଏବଂ ତାହା ଏହି ଅଧିନିୟମ, କାନୁନ୍ ଓ ନିୟମାବଳୀରେ ଥିବା ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟର ଶିକ୍ଷାନୀତିରେ ସମନ୍ୱୟ ରକ୍ଷା କରିବା ସହିତ ସାଧାରଣ ପର୍ଯ୍ୟବେକ୍ଷଣ କରିବ ଏବଂ ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବ ଓ କାର୍ଯ୍ୟ ସଂପାଦନ କରିବ।

(3) ପଦପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କର କାର୍ଯ୍ୟକାଳ ତିନିବର୍ଷ ହେବ।

ଅଧ୍ୟୟନ ବୋର୍ଡ।

25. (1) ବିଦ୍ୟା ପରିଷଦ ନିଷ୍ପତ୍ତି ନେବା ମତେ ପ୍ରତ୍ୟେକ ଅଧ୍ୟୟନ ଶାଖା ନିମନ୍ତେ ଏକ ଅଧ୍ୟୟନ ବୋର୍ଡ ରହିବ।

(2) ଅଧ୍ୟୟନ ବୋର୍ଡର ଗଠନ, କ୍ଷମତା ଓ କୃତ୍ୟମାନ କାନୁନ୍‌ରେ ବିହିତ ହେବା ମତେ ହେବ।

ଅର୍ଥ କମିଟି।

26. (1) ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ନେଇ ଅର୍ଥ କମିଟି ଗଠିତ ହେବ, ଯଥା:-

(କ) କୁଳପତି ଯେକି ପଦପ୍ରଯୁକ୍ତ ଚେୟାରମ୍ୟାନ ହେବେ;

(ଖ) ରେଜିଷ୍ଟ୍ରାର, ଯେକି ପଦପ୍ରଯୁକ୍ତ ସଚିବ ହେବେ;

(ଗ) ଅର୍ଥ ନିୟନ୍ତ୍ରକ; ଏବଂ

(ଘ) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ମନୋନୀତ ହେବା ମତେ ସେପରି ଅନ୍ୟାନ୍ୟ ସଦସ୍ୟ।

(2) ଅର୍ଥ ବ୍ୟବସ୍ଥା ବିଷୟମାନ ତଦାରଖ କରିବାଲାଗି ଅର୍ଥ କମିଟି ବିଶ୍ୱବିଦ୍ୟାଳୟର ମୁଖ୍ୟ ଅର୍ଥ ନିକାୟ ହେବ ଏବଂ ତାହା ଏହି ଅଧିନିୟମ, କାନୁନ୍ ଓ ନିୟମାବଳୀରେ ଥିବା ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟ ଅର୍ଥ ବ୍ୟବସ୍ଥା ସଂପର୍କିତ ବିଷୟରେ ସମନ୍ୱୟ ରକ୍ଷା କରିବ ତଥା ସାଧାରଣ ପର୍ଯ୍ୟବେକ୍ଷଣ କରିବ ଏବଂ ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ କ୍ଷମତା ପ୍ରୟୋଗ କରିବ ଓ କାର୍ଯ୍ୟ ସଂପାଦନ କରିବ;

(3) ପଦପ୍ରଯୁକ୍ତ ସଦସ୍ୟମାନଙ୍କ ଭିନ୍ନ ଅନ୍ୟ ସଦସ୍ୟମାନଙ୍କର କାର୍ଯ୍ୟକାଳ ତିନିବର୍ଷ ହେବ।

ଅନ୍ୟାନ୍ୟ କର୍ତ୍ତୃପକ୍ଷ।

27. ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କର ଗଠନ, କ୍ଷମତା ଓ କାର୍ଯ୍ୟାବଳୀ ସେପରି ହେବ;

ଶୂନ୍ୟସ୍ଥାନ ଯୋଗୁଁ କାର୍ଯ୍ୟବିଧି ଅବିଧିମାନ୍ୟ ହେବ ନାହିଁ।

28. ବିଶ୍ୱବିଦ୍ୟାଳୟର ଯେକୌଣସି କର୍ତ୍ତୃପକ୍ଷଙ୍କର କୌଣସି କାର୍ଯ୍ୟ ବା କାର୍ଯ୍ୟବିଧି, ତହିଁରେ କୌଣସି ଶୂନ୍ୟସ୍ଥାନ ଥିବା ଯୋଗୁଁ ବା କର୍ତ୍ତୃପକ୍ଷ ଗଠନରେ ତ୍ରୁଟି ଥିବା ଯୋଗୁଁ କେବଳ ମାତ୍ର କାରଣରୁ ଅବିଧିମାନ୍ୟ ହେବ ନାହିଁ।

## ଅଧ୍ୟାୟ –V

## କାନୁନ ଓ ନିୟମାବଳୀ

କାନୁନ।

29. ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟ ଲାଗି କାନୁନ୍‌ରେ ବ୍ୟବସ୍ଥା କରାଯାଇପାରିବ, ସେଗୁଡ଼ିକ ହେଲା:-

(କ) ଏହି ଅଧିନିୟମରେ ବିନିର୍ଦ୍ଦିଷ୍ଟ କରାଯାଇନଥିବା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ନିକାୟଗୁଡ଼ିକର ଗଠନ, କ୍ଷମତା ଓ କାର୍ଯ୍ୟ ଏବଂ ବିଶ୍ୱବିଦ୍ୟାଳୟର ନୂତନ କର୍ତ୍ତୃପକ୍ଷମାନ ଗଠନ;

(ଖ) କର୍ପସ ପାଣ୍ଠି ସାଧାରଣ ପାଣ୍ଠି ତଥା ଉନ୍ନୟନ ପାଣ୍ଠିର ଆର୍ଥିକ କାରବାର;

(ଗ) କୁଳପତି, ରେଜିଷ୍ଟ୍ରାର ଓ ଅର୍ଥ ଅଧିକାରୀଙ୍କ ନିଯୁକ୍ତି ତଥା ସେମାନଙ୍କର କ୍ଷମତା ଓ କୃତ୍ୟ ସଂକ୍ରାନ୍ତୀୟ ନିବନ୍ଧନ ଓ ସର୍ତ୍ତାବଳୀ,

(ଘ) ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଶିକ୍ଷକ ଓ କର୍ମଚାରୀମାନଙ୍କର ନିଯୁକ୍ତିସଂଗ୍ରହ ପ୍ରଣାଳୀ ଓ ସେମାନଙ୍କର ସେବା ସର୍ତ୍ତାବଳୀ;

(ଙ) ବିଶ୍ୱବିଦ୍ୟାଳୟ ଓ ତାହାର ଅଧିକାରୀ, ଫାକଲଟି ସଦସ୍ୟ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉପୁଜୁଥିବା ବିବାଦର ସମାଧାନ ପ୍ରକ୍ରିୟା;

(ଚ) ବିଭିନ୍ନ ବିଭାଗ ଓ ଫାକ୍‌ଲ୍‌ଟି ଖୋଲିବା, ବନ୍ଦ କରିବା ବା ପୁନର୍ଗଠନ କରିବା;

(ଛ) ଉଚ୍ଚତର ଶିକ୍ଷାଦାନ କରୁଥିବା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକ ସହିତ ସମନ୍ୱୟ ରକ୍ଷା;

(ଜ) ସମ୍ମାନଜନକ ଡିଗ୍ରୀ ପ୍ରଦାନ ଲାଗି ପ୍ରକ୍ରିୟା;

(ଝ) ମାଗଣା ଛାତ୍ରବୃତ୍ତି ଓ ବିଦ୍ୟାବୃତ୍ତି ଦେବା ଲାଗି ବ୍ୟବସ୍ଥା;

(ଞ) ବିଭିନ୍ନ ପାଠ୍ୟକ୍ରମରେ ଆସନ ସଂଖ୍ୟା ତଥା ସେହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ନାମ ଲେଖା ପ୍ରଣାଳୀ;

(ଟ) ବିଭିନ୍ନ ପାଠ୍ୟକ୍ରମ ଲାଗି ଛାତ୍ରଛାତ୍ରୀମାନଙ୍କ ଠାରୁ ଆଦାୟ କରାଯିବାକୁ ଥିବା ଫିସ୍ ;

(ଠ) ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ) ବିଦ୍ୟାବୃତ୍ତି, ମାଗଣା ଛାତ୍ରବୃତ୍ତି, ପଦକ ଓ ପୁରସ୍କାର ଇତ୍ୟାଦି ଦେବାଲାଗି ବ୍ୟବସ୍ଥାର ପ୍ରଚଳନ;

(ଡ଼) ବିଶ୍ୱବିଦ୍ୟାଳୟ ପାଇଁ ବିଭିନ୍ନ ପଦ ସୃଷ୍ଟି ଓ ସେଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା; ଏବଂ

(ଢ଼) ଯେପରି ବିହିତ ହୋଇପାରେ ସେପରି ଅନ୍ୟାନ୍ୟ ବିଷୟ।

କାନୁନ୍ ପ୍ରଣୟନ କରିବା ପଦ୍ଧତି।

30. (1) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ପ୍ରଥମ କାନୁନ୍ ପ୍ରଣୟନ କରାଯିବ ଓ ତାହା ଅନୁମୋଦନ ଲାଗି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପିତ ହେବ। ଉକ୍ତ କାନୁନ୍ ମିଳିବା ତାରିଖଠାରୁ ତିନିମାସ ମଧ୍ୟରେ ତହିଁରେ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ତାହାକୁ ରାଜ୍ୟ ସରକାର ଅନୁମୋଦନ କରିପାରିବେ।

(2) ଉପଧାର (1) ରେ ଉଲ୍ଲିଖିତ ସମୟ ସୀମା ମଧ୍ୟରେ ରାଜ୍ୟ ସରକାର ସେହି କାନୁନ୍‌କୁ ଅନୁମୋଦନ ନକଲେ ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ବୋଲି ବିବେଚିତ ହେବ।

କାନୁନ୍ ସଂଶୋଧନ କରିବା କ୍ଷମତା।

31. ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ, ନିୟନ୍ତ୍ରକ ମଣ୍ଡଳୀ ନୂତନ ବା ଅତିରିକ୍ତ କାନୁନ୍ ପ୍ରଣୟନ କରିପାରିବେ କିମ୍ବା କାନୁନ୍‌କୁ ସଂଶୋଧନ ବା ନିରସନ (ରିପିଲ) ମଧ୍ୟ କରିପାରିବେ।

ନିୟମାବଳୀ।

32. ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ନିୟମାବଳୀରେ ନିମ୍ନଲିଖିତ ସମସ୍ତ ବା ଯେକୌଣସି ବିଷୟରେ ବ୍ୟବସ୍ଥା କରାଯାଇପାରିବ, ଯଥା:-

(କ) ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଓ ସେମାନଙ୍କର ନାମ ପଞ୍ଜିକରଣ;

(ଖ) ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ଡିଗ୍ରି, ଡିପ୍ଲୋମା, ପ୍ରମାଣପତ୍ର ଚଟରସ୍ ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ଲାଗି ପାଠ୍ୟକ୍ରମ ପ୍ରଣୟନ;

(ଗ) ବିଶ୍ୱବିଦ୍ୟାଳୟର ଡିଗ୍ରି, ଡିପ୍ଲୋମା, ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ପ୍ରଦାନ;

(ଘ) ହିସାବ ପଦ୍ଧତି ଓ ଆର୍ଥିକ ପ୍ରକ୍ରିୟା ନିର୍ଦ୍ଧାରଣ;

(ଙ) ଗବେଷଣା ପାଇଁ ଫେଲୋସିପ, ବିଦ୍ୟାବୃତ୍ତି, ଛାତ୍ରବୃତ୍ତି, ପଦକ ଓ ପୁରସ୍କାର ପ୍ରଦାନ ସର୍ତ୍ତାବଳୀ;

(ଚ) ପରୀକ୍ଷା ପରିଚାଳନା ଏବଂ ପରୀକ୍ଷା ନିୟନ୍ତ୍ରକ ନିକାୟ, ପରୀକ୍ଷକ, ପରିଦର୍ଶକ, (ଇନ୍‌ଭିଜିଲେଟର), ଟାବୁଲେଟର ଓ ନିୟାମକ (ମଡେରେଟର)ଙ୍କର ନିଯୁକ୍ତି ଓ କର୍ତ୍ତବ୍ୟ ସଂକ୍ରାନ୍ତୀୟ ସର୍ତ୍ତାବଳୀ;

(ଛ) ବିଶ୍ୱବିଦ୍ୟାଳୟର ଡିଗ୍ରି ପ୍ରମାଣପତ୍ର ଓ ଅନ୍ୟାନ୍ୟ ବିଦ୍ୟାଗତ ଡିଷ୍ଟିଂସନ ନିମନ୍ତେ ପରୀକ୍ଷା ପାଇଁ ଦେୟ ଫିସ୍ ଓ ତାହାର ସଂଶୋଧନ।

(ଜ) ଫିସ୍‌ର ପୁନଃନିର୍ଦ୍ଧାରଣ;

(ଝ) ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମରେ ଆସନ ସଂଖ୍ୟାରେ ପରିବର୍ତ୍ତନ; ଏବଂ

(ଞ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଲାଗି ଯୋଗାଇ ଦିଆଯାଇଥିବା ବାସସ୍ଥାନର ଅବସ୍ଥା;

(ଟ) ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା ରକ୍ଷା; ଏବଂ

(ଠ) କାନୁନ୍‌ରେ ବିଶେଷଭାବେ ବ୍ୟବସ୍ଥା କରାଯାଇ ନଥିବା ଅନ୍ୟ ଯେକୌଣସି ବିଷୟ।

ନିୟମାବଳୀ ପ୍ରଣୟନ କରିବା ପ୍ରକ୍ରିୟା।

33. (1) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ନିୟମାବଳୀ ପ୍ରଣୟନ କରାଯିବ ଏବଂ ସେପରି ପ୍ରଣୀତ ହୋଇଥିବା ନିୟମାବଳୀକୁ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ସେହି ନିୟମାବଳୀ ମିଳିବା ତାରିଖଠାରୁ ଦୁଇ ମାସ ମଧ୍ୟରେ ତହିଁରେ କୌଣସି ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ସରକାର ତାହାକୁ ଅନୁମୋଦନ କରିପାରିବେ।

(2) ଉପଧାରା (1) ରେ ଉଲ୍ଲିଖିତ ସମୟ ସୀମା ମଧ୍ୟରେ ରାଜ୍ୟ ସରକାର ସେହି ନିୟମାବଳୀକୁ ଅନୁମୋଦନ ନକଲେ, ତାହା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ବୋଲି ବିବେଚିତ ହେବ।

ନିୟମାବଳୀ ସଂଶୋଧନ କରିବା କ୍ଷମତା।

34. ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ, ନିୟନ୍ତ୍ରକ ମଣ୍ଡଳୀ, ନୂତନ ବା ଅତିରିକ୍ତ ନିୟମାବଳୀ ପ୍ରଣୟନ କରିପାରିବେ କିମ୍ବା ନିୟମାବଳୀକୁ ସଂଶୋଧନ ବା ନିରସନ ମଧ୍ୟ କରିପାରିବେ।

ନାମଲେଖା।

35. (1) ଛାତ୍ରଛାତ୍ରୀମାନେ ଯେଉଁ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଛା କରୁଥିବେ, ସେଥିରେ ନାମ ଲେଖାଇବା ପାଇଁ ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ମାନାଦର୍ଶ ଓ ମାର୍ଗଦର୍ଶୀ ନୀତି ଅନୁସରଣ କରାଯିବ ।

(2) ଉପଧାରା (୧) ଅନୁଯାୟୀ ବିହିତ ହୋଇଥିବା ମତେ କୌଣସି ମାର୍ଗଦର୍ଶୀ ନୀତି ନଥିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ନାମଲେଖା କଡ଼ାକଡ଼ିଭାବେ ଗୁଣାଗୁଣ (ମେରିଟ)କୁ ଭିତ୍ତି କରି କରାଯିବ।

(3) ଯୋଗ୍ୟତା ନିର୍ଣ୍ଣାୟକ ପରୀକ୍ଷା ଓ ପାଠ୍ୟକ୍ରମ ସଂପର୍କିତ ତଥା ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପରେ ମିଳିଥିବା ମାର୍କ ବା ଗ୍ରେଡ୍‌କୁ ଭିତ୍ତି କରି ଏବଂ ରାଜ୍ୟ ସ୍ତରରେ ବିଶ୍ୱବିଦ୍ୟାଳୟର କୌଣସି ସଂଗଠନ ଦ୍ୱାରା କିମ୍ବା ରାଜ୍ୟର ଯେକୌଣସି ଏଜେନ୍‌ସି ଦ୍ୱାରା ପରିଚାଳିତ ସେହି ଏକାପ୍ରକାର ପାଠ୍ୟକ୍ରମରେ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ମିଳିଥିବା ମାର୍କ ବା ଗ୍ରେଡକୁ ଆଧାର କରି ବିଶ୍ୱବିଦ୍ୟାଳୟରେ ନାମଲେଖା ପାଇଁ ଗୁଣାଗୁଣ ନିର୍ଦ୍ଧାରଣ କରାଯାଇପାରିବ।

ଫିସ୍‌ର ଢ଼ାଞ୍ଚା।

36. (1) ଛାତ୍ରଛାତ୍ରୀମାନେ ଯେଉଁ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଛା କରୁଥିବେ, ସେଥି ସକାଶେ ନିୟାମକ ନିକାୟଗୁଡ଼ିକ ଦ୍ୱାରା ବିହିତ ମାନାଦର୍ଶ ଓ ମାର୍ଗଦର୍ଶୀ ନୀତି ଅନୁସାରେ ବିଶ୍ୱବିଦ୍ୟାଳୟ ସମୟକୁ ସମୟ ତାହାର ଫିସ୍ ଢାଞ୍ଚା ପ୍ରସ୍ତୁତ କରିପାରିବ ।

(2) ଉପଧାରା (1) ଅନୁଯାୟୀ ଯେଉଁ ଫିସ୍ ଧାର୍ଯ୍ୟ କରାଯାଇଛି ତାହା ଭିନ୍ନ ବିଶ୍ୱବିଦ୍ୟାଳୟ ଅନ୍ୟ କୌଣସି ପ୍ରକାର ଫିସ୍ ଧାର୍ଯ୍ୟ କରିପାରିବ ନାହିଁ।

(3) ଓଡ଼ିଶା ରାଜ୍ୟର ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ସଂପ୍ରଦାୟର ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ତଥା ମହିଳା ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟକୁ ପ୍ରଦେୟ ଫିସ୍‌ରେ ରିହାତି ବ୍ୟବସ୍ଥା କରିବା ଲାଗି ବିଶ୍ୱବିଦ୍ୟାଳୟ ଏକ ଯୋଜନା କାର୍ଯ୍ୟକାରୀ କରିବ।

## ଅଧ୍ୟାୟ -VI

## ବିବିଧ

କର୍ମଚାରୀମାନଙ୍କର ସେବା ସର୍ତ୍ତାବଳୀ।

37. (1) ଧାରା 4 ର ଉପ-ଧାରା (1) ର ଖଣ୍ଡ (ଘ)ର ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ ପ୍ରତ୍ୟେକ କର୍ମଚାରୀ, ଏକ ଲିଖିତ ଚୁକ୍ତି ଅନୁସାରେ ନିଯୁକ୍ତ ହେବେ ଓ ତାହା ବିଶ୍ୱବିଦ୍ୟାଳୟରେ ରଖାଯିବ ଓ ତାହାର ଏକ ନକଲ ସଂପୃକ୍ତ କର୍ମଚାରୀଙ୍କୁ ଦିଆଯିବ।

(2) ଯେପରି ବିହିତ ହୋଇପାରେ ସେପରି ପ୍ରକ୍ରିୟା ଅନୁସାରେ ଛାତ୍ରଛାତ୍ରୀ ବା କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅପିଲ ଅଧିକାର।

38. ଏହି ଅଧିନିୟମରେ ଯାହା କିଛିଥିବା ସତ୍ତ୍ୱେ, ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ କର୍ମଚାରୀ ବା ଛାତ୍ରଛାତ୍ରୀଙ୍କର, ଯେପରି ବିହିତ ହୋଇପାରେ ସେପରି ସମୟ ସୀମା ମଧ୍ୟରେ, ବିଶ୍ୱବିଦ୍ୟାଳୟର ଯେକୌଣସି ଅଧିକାରୀ ବା କର୍ତ୍ତୃପକ୍ଷଙ୍କର ନିଷ୍ପତ୍ତି ବିରୁଦ୍ଧରେ ପରିଚାଳନା ମଣ୍ଡଳୀଙ୍କ ନିକଟରେ ଅପିଲ କରିବା ଅଧିକାର ରହିବ ଏବଂ ପରିଚାଳନା ମଣ୍ଡଳୀ, ଅପିଲ କରାଯାଇଥିବା ସେପରି ନିଷ୍ପତ୍ତିକୁ କାଏମ ରଖିପାରିବେ, ମାର୍ଜିତ ବା ପରିବର୍ତ୍ତନ କରିପାରିବେ।

ଭବିଷ୍ୟ ନିଧି ଓ ପେନ୍‌ସନ୍। 39. ଯେପରି ବିହିତ ହୋଇପାରେ, ସେପରି ରୀତିରେ ଓ ସେପରି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ, ବିଶ୍ୱବିଦ୍ୟାଳୟ ଉଚିତ୍ ବିବେଚନା କରିବା ମତେ କର୍ମଚାରୀମାନଙ୍କର ହିତ ଦୃଷ୍ଟିରୁ ସେପରି ଭବିଷ୍ୟନିଧି ବା ପେନ୍‌ସନ୍ ପାଣ୍ଠି ଗଠନ କରିବ ଓ ସେପରି ବୀମା ଯୋଜନା କାର୍ଯ୍ୟକାରୀ କରିବ।

ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ନିକାୟ ଗଠନ ନେଇ ବିବାଦ। 40. ବିଶ୍ୱବିଦ୍ୟାଳୟର କୌଣସି କର୍ତ୍ତୃପକ୍ଷ ବା ଅନ୍ୟାନ୍ୟ ନିକାୟର ସଦସ୍ୟ ହେବାକୁ କୌଣସି ବ୍ୟକ୍ତି ଯଥାରୀତି ନିର୍ବାଚିତ ବା ନିଯୁକ୍ତ କିମ୍ୱା ଯୋଗ୍ୟ ବିବେଚିତ ହେବା ନେଇ ଯଦି କୌଣସି ସଂଦେହ ଉପୁଜେ, ତେବେ ତାହା ସଭାପତିଙ୍କ ନିକଟକୁ ପଠାଯିବ ଏବଂ ସେ ଉପ-ସଭାପତିଙ୍କ ସହ ପରାମର୍ଶ କ୍ରମେ ସେ ବିଷୟରେ ନିଷ୍ପତ୍ତି ନେବେ।

କମିଟି ଗଠନ। 41. ଧାରା 21 ରେ ଉଲ୍ଲିଖିତ ଯେକୌଣସି କର୍ତ୍ତୃପକ୍ଷ, ଯେପରି ସ୍ଥିର କରିବେ ସେପରି ସଂଖ୍ୟକ ସଦସ୍ୟ ତଥା ସେପରି କ୍ଷମତା ଥାଇ ସଂପୃକ୍ତ କର୍ତ୍ତୃପକ୍ଷ ଲାଗି ଏକ କମିଟି ଗଠନ କରିପାରିବେ।

ସାମୟିକ ଶୂନ୍ୟସ୍ଥାନ ପୂରଣ। 42. ବିଶ୍ୱବିଦ୍ୟାଳୟର କୌଣସି କର୍ତ୍ତୃପକ୍ଷ ବା ନିକାୟରେ ପଦ ପ୍ରଯୁକ୍ତ ସଦସ୍ୟଙ୍କ ଭିନ୍ନ ଅନ୍ୟ କୌଣସି ସଦସ୍ୟ ପଦରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ, ଯେଉଁ ସଦସ୍ୟଙ୍କ ଶୂନ୍ୟ ସ୍ଥାନ ପୂରଣ କରାଯିବାକୁ ଥିବ, ସେ ଯେପରି ରୀତିରେ ବଛା ଯାଇଥିଲେ, ସେହି ଏକା ରୀତିରେ ପୂରଣ କରାଯିବ, ଏବଂ ଉକ୍ତ ଶୂନ୍ୟସ୍ଥାନ ପୂରଣ କରୁଥିବା ବ୍ୟକ୍ତି, ସେପରି କର୍ତ୍ତୃପକ୍ଷ ବା ନିକାୟରେ ତାଙ୍କ ପୂର୍ବରୁ ଥିବା ସଦସ୍ୟଙ୍କ କାର୍ଯ୍ୟକାଳ ପୂରଣ ହେବାକୁ ଯେତିକି ଦିନ ଥିବ, ସେହି ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ସଦସ୍ୟ ପଦରେ ରହିବେ।

ସଦ୍‌ବିଶ୍ୱାସରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା। 43. (1) ଏହି ଅଧିନିୟମ, କାନୁନ୍ ବା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ ସଦ୍‌ବିଶ୍ୱାସରେ କରାଯାଇଥିବା ବା କରାଯିବା ଲାଗି ଉଦ୍ଦେଶ୍ୟ ଥିବା ଯେକୌଣସି କାର୍ଯ୍ୟାନୁଷ୍ଠାନ ଲାଗି ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀ ବା ଅନ୍ୟାନ୍ୟ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ବା ଅନ୍ୟ କୌଣସି ବିଧିକ କାର୍ଯ୍ୟବିଧି କରାଯାଇପାରିବ ନାହିଁ।

(2) ଏହି ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ବା କାନୁନ୍‌ର ବ୍ୟବସ୍ଥାର ଉଲ୍ଲଙ୍ଘନ କ୍ରମେ, କରାଯାଇଥିବା ଯେକୌଣସି କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ମକଦ୍ଦମା, ଅଭିଯୋଜନ ବା ଅନ୍ୟ କୌଣସି ବିଧିକ କାର୍ଯ୍ୟବିଧି ଦାଏର କରିବା ଲାଗି ଉପଧାରା (1) ରେ ଥିବା କୌଣସି ବିଷୟ ପ୍ରତିବନ୍ଧକ ହେବ ନାହିଁ।

ମଧ୍ୟକାଳୀନ ବ୍ୟବସ୍ଥା। 44. ଏହି ଅଧିନିୟମ ଓ କାନୁନ୍‌ରେ ଯାହା କିଛି ସତ୍ତ୍ୱେ:-

(କ) ପ୍ରଥମ କୁଳପତି, ଉପ-ସଭାପତିଙ୍କ ସହ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା ନିଯୁକ୍ତ ହେବେ ଓ ସେ ତିନିବର୍ଷ ପାଇଁ ତାହାଙ୍କ ପଦରେ ରହିବେ;

(ଖ) ପ୍ରଥମ ରେଜିଷ୍ଟ୍ରାର ଓ ପ୍ରଥମ ଅର୍ଥ ଅଧିକାରୀ, ଉପ-ସଭାପତିଙ୍କ ସହ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା ନିଯୁକ୍ତ ହେବେ, ଯେଉଁମାନେ କି ତିନିବର୍ଷ ପାଇଁ ସେମାନଙ୍କ ପଦରେ ରହିବେ;

(ଗ) ପ୍ରଥମ ନିୟନ୍ତ୍ରକ ମଣ୍ଡଳୀ, ତିନିବର୍ଷରୁ ଅଧିକ ହେଉନଥିବା ଅବଧି ଲାଗି ପଦରେ ରହିବେ; ଏବଂ

(ଘ) ପ୍ରଥମ ପରିଚାଳନା ମଣ୍ଡଳୀ, ପ୍ରଥମ ଅର୍ଥ କମିଟି ଓ ପ୍ରଥମ ବିଦ୍ୟା ପରିଷଦ, ଉପ-ସଭାପତିଙ୍କ ସହ ପରାମର୍ଶ କ୍ରମେ ସଭାପତିଙ୍କ ଦ୍ୱାରା ତିନି ବର୍ଷ ପାଇଁ ଗଠିତ ହେବ।

କର୍ପସ ପାଣ୍ଠି 45. (1) ପ୍ରାୟୋଜକ ନିକାୟ ଦଶ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ପ୍ରତିଷ୍ଠା କରିବେ।

(2) କର୍ପସ ପାଣ୍ଠିର ଅର୍ଥକୁ ବିଶ୍ୱବିଦ୍ୟାଳୟ ବିଘଟନ ହେବା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ବା ଗ୍ୟାରେଣ୍ଟିଯୁକ୍ତ ହୋଇଥିବା ଦୀର୍ଘ ମିଆଦି ସୂତ୍ରରେ ବିନିଯୋଗ କରାଯିବ।

(3) ବିଶ୍ୱବିଦ୍ୟାଳୟ ସାଧାରଣ ପାଣ୍ଠିରୁ ବା ଉନ୍ନୟନ ପାଣ୍ଠିରୁ ଯେ କୌଣସି ପରିମାଣର ଅର୍ଥ କର୍ପସ ପାଣ୍ଠିକୁ ଅନ୍ତରଣ କରିପାରିବ।

(4) ବିଶ୍ୱବିଦ୍ୟାଳୟର ବିଘଟନ ବ୍ୟତୀତ ଅନ୍ୟ ଯେ କୌଣସି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟ ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ କର୍ପସ ପାଣ୍ଠିରୁ କୌଣସି ପରିମାଣର ଅର୍ଥ ଅନ୍ତରଣ କରାଯାଇପାରିବ ନାହିଁ।

(5) କର୍ପସ ପାଣ୍ଠିରୁ ମିଳୁଥିବା ଆୟର ସର୍ବାଧିକ ଶତକଡ଼ା ପଞ୍ଚସ୍ତରୀ ଭାଗ ଅର୍ଥ, ବିଶ୍ୱବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ ଏବଂ ଅବଶିଷ୍ଟ ଶତକଡ଼ା ପଚିଶ ଭାଗ ଅର୍ଥ କର୍ପସ ପାଣ୍ଠିରେ ପୁନଃ ବିନିଯୋଗ କରାଯିବ।

ସାଧାରଣ ପାଣ୍ଠି।

46. (1) ବିଶ୍ୱବିଦ୍ୟାଳୟ ଏକ ସାଧାରଣ ପାଣ୍ଠି ପ୍ରତିଷ୍ଠା କରିବ, ଯେଉଁଥିରେ କି ନିମ୍ନଲିଖିତ ଅର୍ଥପରିମାଣ ଜମା କରାଯିବ:-

(କ) ବିଶ୍ୱବିଦ୍ୟାଳୟ ଦ୍ୱାରା ଆଦାୟ ହେଉଥିବା ସମସ୍ତ ପ୍ରକାରର ଫିସ୍;

(ଖ) ଅନ୍ୟ ଯେକୌଣସି ସୂତ୍ରରୁ ମିଳୁଥିବା ସମସ୍ତ ଧନରାଶି;

(ଗ) ପ୍ରାୟୋଜକ ନିକାୟ ଦ୍ୱାରା ଦିଆଯାଇଥିବା ସମସ୍ତ ଅଂଶଦାନ; ଏବଂ

(ଘ) ଅନ୍ୟ ଯେ କୌଣସି ବ୍ୟକ୍ତି ବା ନିକାୟ ଦ୍ୱାରା ତଦୁପଲକ୍ଷେ ପ୍ରଦ□ ସମସ୍ତ ଅଂଶଦାନ ବା ଚାନ୍ଦା, ଯାହାକି ତତ୍ ସମୟେ ବଳବତ୍ତର ଥିବା କୌଣସି ବିଧି ଦ୍ୱାରା ନିଷେଧ କରାଯାଇନଥିବ।

(2) ସାଧାରଣ ପାଣ୍ଠିରେ ଜମା କରାଯାଇଥିବା ଅର୍ଥ ପରିମାଣକୁ ନିମ୍ନଲିଖିତ ବାବଦରେ ବିନିଯୋଗ କରାଯିବ:-

(କ) ଏହି ଅଧିନିୟମ ଓ କାନୁନ୍ ଏବଂ ତଦଧୀନ ପ୍ରଣୀତ ନିୟମାବଳୀ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଋଣ ସହିତ ତହିଁର ସୁଧ ପରିଶୋଧ;

(ଖ) ବିଶ୍ୱବିଦ୍ୟାଳୟ ସଂପତ୍ତିର ରକ୍ଷଣାବେକ୍ଷଣ;

(ଗ) ଏହି ଧାରା ତଥା ଧାରା 47 ଅନୁଯାୟୀ ସୃଷ୍ଟି ହୋଇଥିବା ପାଣ୍ଠିର ଅଡିଟ୍ ବାବଦ ବ୍ୟୟ ପ୍ରଦାନ;

(ଘ) ବିଶ୍ୱବିଦ୍ୟାଳୟ ପକ୍ଷଭୁକ୍ତଥିବା କୌଣସି ମକଦ୍ଦମା ବା କାର୍ଯ୍ୟବିଧି ବାବଦ ବ୍ୟୟ ପ୍ରଦାନ;

(ଙ) ବିଶ୍ୱବିଦ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କର ଓ ଶିକ୍ଷାଦାନ ତଥା ଗବେଷଣା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନଙ୍କର ଦରମା ଓ ଭତ୍ତା ପ୍ରଦାନ ଏବଂ ସେପରି ଶିକ୍ଷାଦାନ ଓ ଗବେଷଣା କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଭବିଷ୍ୟନିଧି ଅଂଶଦାନ, ଗ୍ରାଚ୍ୟୁଟି ଓ ଅନ୍ୟାନ୍ୟ ସୁବିଧାସୁଯୋଗ ବାବଦ ଅର୍ଥପ୍ରଦାନ;

(ଚ) ନିୟନ୍ତ୍ରକ ମଣ୍ଡଳୀ, ପରିଚାଳନା ମଣ୍ଡଳୀ, ବିଦ୍ୟାପରିଷଦର ସଦସ୍ୟ ଓ ବିଶ୍ୱବିଦ୍ୟାଳୟର କାନୁନ୍ ଦ୍ୱାରା ସେ ଭାବେ ଘୋଷଣା କରାଯାଇଥିବା ଅନ୍ୟାନ୍ୟ କର୍ତ୍ତୃପକ୍ଷ ଏବଂ ଏହି ଅଧିନିୟମ, ବା କାନୁନ୍ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁସାରେ ବିଶ୍ୱବିଦ୍ୟାଳୟର ଯେକୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ କୌଣସି କମିଟି ବା ମଣ୍ଡଳୀର ସଦସ୍ୟମାନଙ୍କର ଗସ୍ତ ତଥା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ;

(ଛ) ବିଶ୍ୱବିଦ୍ୟାଳୟର କାନୁନ୍ ବା ନିୟମାବଳୀର ଅନୁସାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ, ଗବେଷଣା ସହଯୋଗୀ ବା ପ୍ରଶିକ୍ଷାର୍ଥୀମାନଙ୍କୁ ଗବେଷଣା ପାଇଁ ଛାତ୍ରବୃତ୍ତି (ଫେଲୋସିପ), ମାଗଣା ଛାତ୍ରବୃତ୍ତି, ବିଦ୍ୟାବୃତ୍ତି, ସହାୟତା ବୃତ୍ତି ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ;

(ଜ) ଏହି ଅଧିନିୟମ ଓ କାନୁନ୍ ବା ନିୟମାବଳୀରେ ଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ବ୍ୟୟ ବାବଦ ଅର୍ଥପ୍ରଦାନ;

(ଝ) ପ୍ରାୟୋଜକ ନିକାୟ ଦ୍ୱାରା ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କରାଯାଇଥିବା ପୁଞ୍ଜି ବ୍ୟୟ ବାବଦକୁ ପ୍ରଚଳିତ ବ୍ୟାଙ୍କ ସୁଧହାରରୁ ଅଧିକ ହେଉନଥିବା ହାରରେ ଅର୍ଥପ୍ରଦାନ;

(ଞ) ଏହି ଅଧିନିୟମ, ଓ କାନୁନ୍ ତଥା ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ପରାମର୍ଶଗତ କାର୍ଯ୍ୟ ସଂକ୍ରାନ୍ତୀୟ ଦେୟ ଓ ତତ୍‌ସଂପର୍କିତ ବ୍ୟୟ ବାବଦ ଅର୍ଥପ୍ରଦାନ;

(ଟ) ବିଶ୍ୱବିଦ୍ୟାଳୟ ଉଦ୍ଦେଶ୍ୟରେ ବ୍ୟୟ ଭାବରେ ପରିଚାଳନା ମଣ୍ଡଳୀ ଦ୍ୱାରା ଅନୁମୋଦିତ ହୋଇଥିବା ମତେ ପ୍ରାୟୋଜକ ନିକାୟ ତରଫରୁ ବିଶ୍ୱବିଦ୍ୟାଳୟର ପରିଚାଳନାଗତ ଦାୟିତ୍ୱ ବାବଦରେ କୌଣସି ଅନୁଷ୍ଠାନକୁ ପ୍ରଦେୟ ପରିଚାଳନା ଫିସ୍ ସମେତ ଅନ୍ୟ ଯେ କୌଣସି ବ୍ୟୟ ବାବଦ ଅର୍ଥପ୍ରଦାନ:

ପରନ୍ତୁ ପରିଚାଳନା ମଣ୍ଡଳୀଙ୍କ ପୂର୍ବ ଅନୁମୋଦନ ବିନା ଉକ୍ତ ମଣ୍ଡଳୀ ଦ୍ୱାରା ବର୍ଷକ ନିମନ୍ତେ ଧାର୍ଯ୍ୟ କରାଯାଇପାରିବା ମତେ ମୋଟ ରେକରିଂ ଓ ନନ୍-ରେକରିଂ ବ୍ୟୟର ମୋଟ ପରିମାଣଠାରୁ ଅଧିକ ହେଉଥିବା ସେପରି କୌଣସି ବ୍ୟୟ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯିବ ନାହିଁ:

ଅଧିକନ୍ତୁ ବିଶ୍ୱବିଦ୍ୟାଳୟର ପରିଚାଳନା ମଣ୍ଡଳୀଙ୍କ ପୂର୍ବ ଅନୁମୋଦନ କ୍ରମେ, ଏହି ଉପ-ଧାରାରେ ବିନିର୍ଦ୍ଦିଷ୍ଟ ହୋଇଥିବା ଉଦ୍ଦେଶ୍ୟ ଲାଗି ସାଧାରଣ ପାଣ୍ଠି ବିନିଯୋଗ କରାଯିବ।

ଉନ୍ନୟନ ପାଣ୍ଠି। 47. (1) ବିଶ୍ୱବିଦ୍ୟାଳୟ ଏକ ଉନ୍ନୟନ ପାଣ୍ଠି ମଧ୍ୟ ପ୍ରତିଷ୍ଠା କରିବ ଏବଂ ତହିଁରେ ନିମ୍ନଲିଖିତ ପରିମାଣ ଜମା କରାଯିବ, ସେଗୁଡ଼ିକ ହେଲା:-

(କ) ବିଶ୍ୱବିଦ୍ୟାଳୟର ଉନ୍ନୟନ ଉଦ୍ଦେଶ୍ୟରେ ଯେକୌଣସି ସୂତ୍ରରୁ ମିଳିଥିବା ସମସ୍ତ ଧନରାଶି;

(ଖ) ପ୍ରାୟୋଜକ ନିକାୟ ଦ୍ୱାରା ପ୍ରଦ□ଯେକୌଣସି ଅଂଶଦାନ;

(ଗ) ଅନ୍ୟ ଯେକୌଣସି ବ୍ୟକ୍ତି ବା ନିକାୟ ଦ୍ୱାରା ତଦୁପଲକ୍ଷ୍ୟେ ପ୍ରଦ□ସମସ୍ତ ଅଂଶଦାନ ବା ଚାନ୍ଦା, ଯାହା କି ତତ୍‌ସମୟେ ବଳବ**ତ୍ତ**ର ଥିବା କୌଣସି ବିଧି ଦ୍ୱାରା ନିଷେଧ କରାଯାଇନଥିବ; ଏବଂ

(ଘ) ଧାରା 45 ର ଉପଧାରା (5) ରେ ଥିବା ବ୍ୟବସ୍ଥା ପ୍ରତି ସାପେକ୍ଷ ହୋଇ, କର୍ପସ ପାଣ୍ଠିରୁ ମିଳୁଥିବା ଆୟ;

(୨) ଉନ୍ନୟନ ପାଣ୍ଠିରେ ସମୟକୁ ସମୟ ଜମା କରାଯାଉଥିବା ଅର୍ଥ ପରିମାଣ, ବିଶ୍ୱବିଦ୍ୟାଳୟର ଉନ୍ନୟନ ଲାଗି ବିନିଯୋଗ କରାଯିବ।

ପାଣ୍ଠିର ରକ୍ଷଣାବେକ୍ଷଣ। 48. ଧାରା 45,46ଓ 47 ଅନୁଯାୟୀ ପ୍ରତିଷ୍ଠା ହୋଇଥିବା ପାଣ୍ଠି, ନିୟନ୍ତ୍ରକ ମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷଣ ତଥା ନିୟନ୍ତ୍ରଣ ପ୍ରତି ସାପେକ୍ଷ ହୋଇ, ଯେପରି ବିହିତ ହୋଇପାରେ ସେପରି ରୀତିରେ ନିୟନ୍ତ୍ରିତ ହେବ ଓ ରକ୍ଷଣାବେକ୍ଷଣ କରାଯିବ।

ବାର୍ଷିକ ରିପୋର୍ଟ। 49. (1) ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ, ପରିଚାଳନା ମଣ୍ଡଳୀଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରସ୍ତୁତ କରାଯିବ ଓ ତାହା ଅନୁମୋଦନ ସକାଶେ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟରେ ଉପସ୍ଥାପନ କରାଯିବ।

(2) ନିୟନ୍ତ୍ରକମଣ୍ଡଳୀ ତାହାଙ୍କ ବୈଠକରେ ବାର୍ଷିକ ରିପୋର୍ଟକୁ ଅନୁଧ୍ୟାନ କରିବେ ଓ ତାହାକୁ ପରିବର୍ତ୍ତନ ସହ ବା ବିନା ପରିବର୍ତ୍ତନରେ ଅନୁମୋଦନ କରିପାରିବେ।

(3) ନିୟନ୍ତ୍ରକ ମଣ୍ଡଳୀ ଦ୍ୱାରା ଯଥାରୀତି ଅନୁମୋଦିତ ହୋଇଥିବା ବାର୍ଷିକ ରିପୋର୍ଟର ଏକ ନକଲ ପ୍ରତ୍ୟେକ ବର୍ଷ ତା. 31, ମାର୍ଚ୍ଚରେ ସରୁଥିବା ଆର୍ଥିକ ବର୍ଷର ପୂର୍ବରୁ ତା. 31, ଡିସେମ୍ବର ଦିନ ବା ତାହା ପୂର୍ବରୁ ଅଭ୍ୟାଗତ ଓ ରାଜ୍ୟ ସରକାରଙ୍କର ନିକଟକୁ ପଠାଯିବ।

| | | |
|---|---|---|
| ହିସାବ ଓ ଅଡିଟ୍। | 50. (1) | ପରିଚାଳନାମଣ୍ଡଳୀଙ୍କ ନିର୍ଦ୍ଦେଶ ଅନୁସାରେ ବିଶ୍ୱବିଦ୍ୟାଳୟର ବାର୍ଷିକ ହିସାବ ଓ ଜମାଖର୍ଚ୍ଚ ଫର୍ଦ୍ଦ (ବାଲାନ୍ସ ସିଟ୍) ପ୍ରସ୍ତୁତ କରାଯିବ ଏବଂ ଯେକୌଣସି ସୂତ୍ରରୁ ମିଳିଥିବା ବା ବିଶ୍ୱବିଦ୍ୟାଳୟରେ ଗଚ୍ଛିତ ଥିବା ସମସ୍ତ ପାଣ୍ଠି ଓ ବ୍ୟୟ କରାଯାଇଥିବା ବା ପ୍ରଦ□ ହୋଇଥିବା ସମସ୍ତ ପରିମାଣ ବିଶ୍ୱବିଦ୍ୟାଳୟ ଦ୍ୱାରା ରଖାଯାଇଥିବା ହିସାବରେ ଚଢ଼ାଯିବ। |
| | (2) | ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ପ୍ରତ୍ୟେକ ବର୍ଷ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ଅଡିଟ୍ କରାଯିବ, ଯେକି ଭାରତର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅନୁଷ୍ଠାନର ଜଣେ ସଦସ୍ୟ ହୋଇଥିବେ। |
| | (3) | ବାର୍ଷିକ ହିସାବ, ଜମାଖର୍ଚ୍ଚ ଫର୍ଦ୍ଦ ସହିତ ଅଡିଟ ରିପୋର୍ଟର ଏକ ନକଲ ପ୍ରତ୍ୟେକ ବର୍ଷ ତା. 31, ମାର୍ଚ୍ଚରେ ସରୁଥିବା ଆର୍ଥିକ ବର୍ଷର ପୂର୍ବରୁ ତା. 31, ଡିସେମ୍ବର ଦିନ ବା ତାହା ପୂର୍ବରୁ ନିୟନ୍ତ୍ରକ ମଣ୍ଡଳୀଙ୍କ ନିକଟକୁ ପଠାଯିବ। |
| | (4) | ବାର୍ଷିକ ହିସାବ, ଜମାଖର୍ଚ୍ଚ ଫର୍ଦ୍ଦ ଓ ଅଡିଟ ରିପୋର୍ଟ, ନିୟନ୍ତ୍ରକ ମଣ୍ଡଳୀର ବୈଠକରେ ବିଚାର ତଥା ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବ ଏବଂ ନିୟନ୍ତ୍ରକ ମଣ୍ଡଳୀ ତାହାକୁ ପ୍ରତ୍ୟେକ ବର୍ଷ ତା. 31, ଡିସେମ୍ବର ଦିନ ବା ତା ପୂର୍ବରୁ ଅଭ୍ୟାଗତ ଓ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ। |
| | (5) | ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ରିପୋର୍ଟରେ ଆର୍ଥିକ ପରିଚାଳନା ନେଇ କୌଣସି ତ୍ରୁଟି ଦର୍ଶାଯାଇଥିଲେ, ରାଜ୍ୟ ସରକାର ସେ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିପାରିବେ ଓ ସେହି ନିର୍ଦ୍ଦେଶନାମା ବିଶ୍ୱବିଦ୍ୟାଳୟ ପ୍ରତି ଆବଦ୍ଧକର ହେବ। |
| ବିଶ୍ୱବିଦ୍ୟାଳୟର ରେକର୍ଡ ପ୍ରମାଣ କରିବା ଢ଼ଙ୍ଗ। | 51. | ବିଶ୍ୱବିଦ୍ୟାଳୟର ଯେକୌଣସି କର୍ତ୍ତୃପକ୍ଷ ବା କମିଟିର କୌଣସି ରସିଦ, ଦରଖାସ୍ତ, ନୋଟିସ, ଆଦେଶ, କାର୍ଯ୍ୟବିଧି ବା ସଂକଳ୍ପ ବା ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଦସ୍ତାବିଜର ଏକ ନକଲ କିମ୍ବା ବିଶ୍ୱବିଦ୍ୟାଳୟ ଦ୍ୱାରା ରଖାଯାଇଥିବା ଯେକୌଣସି ବିଷୟକୁ ଯଦି ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରମାଣୀକୃତ କରାଯାଇଥାଏ ତେବେ ସେପରି ରସିଦ, ଦରଖାସ୍ତ, ନୋଟିସ, ଆଦେଶ, କାର୍ଯ୍ୟାବିଧି, ସଂକଳ୍ପ ବା ଦସ୍ତାବିଜ ବା ରେଜିଷ୍ଟରରେ ଚଢ଼ାଯାଇଥିବା ବିଷୟକୁ ପ୍ରଥମ ଦୃଷ୍ଟିଗତ ସାକ୍ଷ୍ୟ ଭାବେ ଗ୍ରହଣ କରାଯିବ ଓ ତହିଁରେ ଉଲ୍ଲିଖିତ ବିଷୟ ଓ କାରବାର ସାକ୍ଷ୍ୟ ରୂପେ ଗୃହୀତ ହେବ। |
| ବିଶ୍ୱବିଦ୍ୟାଳୟର ବିଘଟନ। | 52. (1) | ବିଶ୍ୱବିଦ୍ୟାଳୟ ଗଠନ ଓ ସ୍ଥାପନକୁ ନିୟନ୍ତ୍ରଣ କରୁଥିବା ବିଧିରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରାୟୋଜକ ନିକାୟ ଯଦି ବିଶ୍ୱବିଦ୍ୟାଳୟର ବିଘଟନ ନିମନ୍ତେ ପ୍ରସ୍ତାବ ଦିଅନ୍ତି, ତେବେ ସେ ତିନିମାସ ପୂର୍ବରୁ ରାଜ୍ୟ ସରକାରଙ୍କୁ ସେ ବିଷୟରେ ଲିଖିତାକାରରେ ଜଣାଇବେ। |
| | (2) | ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ପୂରଣ କରିବାରେ ଯଦି ଅବ୍ୟବସ୍ଥା, କୁପ୍ରଶାସନ, ବିଶୃଙ୍ଖଳା, ବିଫଳତା ଏବଂ ବିଶ୍ୱବିଦ୍ୟାଳୟ ପରିଚାଳନାରେ ଆର୍ଥିକ ସଂକଟ ଦେଖାଦିଏ, ତେବେ ରାଜ୍ୟ ସରକାର, ସେପରି ସ୍ଥଳେ ତତ୍‌ସମୟେ ବଳବତ୍ତର ଥିବା ସଂପୃକ୍ତ ଯେକୌଣସି ବିଧିରେ ଥିବା ବ୍ୟବସ୍ଥା ପ୍ରତି ସାପେକ୍ଷ ହୋଇ, ତଦନୁସାରେ ବିଶ୍ୱବିଦ୍ୟାଳୟର ପ୍ରାୟୋଜକ ନିକାୟକୁ ନିର୍ଦ୍ଦେଶନାମା ଜାରି କରିବେ ଏବଂ ଯେପରି ବିହିତ ହୋଇପାରେ ସେପରି ସମୟ ସୀମା ମଧ୍ୟରେ ସେହି ନିର୍ଦ୍ଦେଶନାମା ପାଳନ ନକଲେ ବିଶ୍ୱବିଦ୍ୟାଳୟର ବିଘଟନ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଅଧିକାର ରାଜ୍ୟ ସରକାରଙ୍କ ଠାରେ ନ୍ୟସ୍ତ କରାଯିବ। |
| | (3) | ରାଜ୍ୟ ସରକାରଙ୍କ ଦ୍ୱାରା ତଦୁପଲକ୍ଷେ ଯେପରି ବିହିତ କରାଯାଇପାରେ ବିଶ୍ୱବିଦ୍ୟାଳୟର ବିଘଟନ ସେପରି ରୀତିରେ କରାଯିବ। |
| | (4) | ରାଜ୍ୟ ସରକାର ଯଦି ପରିଚାଳନା ମଣ୍ଡଳୀକୁ ନିଲମ୍ବନ କରିବାକୁ ସମୀଚୀନ ମନେ କରିବେ ତେବେ ପରିଚାଳନା ମଣ୍ଡଳୀର ନିଲମ୍ବନ ଆଦେଶ, ସରକାରୀ ଗେଜେଟରେ ଅଧିସୂଚନା ମାଧ୍ୟମରେ ପ୍ରକାଶିତ କରିବେ ଓ ଯେପରି ଉଚିତ୍ ମନେକରିବେ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ପରିଚାଳନା ନିମନ୍ତେ ପ୍ରାୟୋଜକ ନିକାୟ ସହିତ ପରାମର୍ଶ କ୍ରମେ, ସେପରି ବ୍ୟବସ୍ଥା କରିବେ: |

ପରନ୍ତୁ ପ୍ରାୟୋଜକ ନିକାୟକୁ କାରଣ ଦର୍ଶାଇବା ଲାଗି ଯୁକ୍ତିଯୁକ୍ତ ସୁଯୋଗ ନ ଦେଇ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ।

(5) ଉପଧାରା (1) ରେ ଉଲ୍ଲିଖିତ ନୋଟିସ୍ ପାଇବା ପରେ ବା ଉପଧାରା (2) ଅନୁଯାୟୀ ବିଘଟନ ନିଷ୍ପତ୍ତି ନିଆଯିବା ପରେ ରାଜ୍ୟ ସରକାର, ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସଂପୃକ୍ତ ନିୟାମକ ନିକାୟଗୁଡ଼ିକ ସହିତ ପରାମର୍ଶ କ୍ରମେ, ବିଶ୍ୱବିଦ୍ୟାଳୟର ବିଘଟନ ଲାଗି ପ୍ରସ୍ତାବିତ ତାରିଖ ଠାରୁ ବିଶ୍ୱବିଦ୍ୟାଳୟର ନିୟମିତ ପାଠ୍ୟକ୍ରମର ଶେଷ ବ୍ୟାଚର ଛାତ୍ରଛାତ୍ରୀମାନେ ସେମାନଙ୍କର ପାଠ୍ୟକ୍ରମ ଶେଷ କରିବା ପର୍ଯ୍ୟନ୍ତ ଯେପରି ବିହିତ ହୋଇପାରେ ବିଶ୍ୱବିଦ୍ୟାଳୟ ପରିଚାଳନା ପାଇଁ ସେପରି ବ୍ୟବସ୍ଥା କରିବେ।

ବିଘଟନ ଅବଧି ମଧ୍ୟରେ ବିଶ୍ୱବିଦ୍ୟାଳୟର ବ୍ୟୟ।

53. (1) ଧାରା 48 ଅନୁଯାୟୀ ବିଶ୍ୱବିଦ୍ୟାଳୟର ପରିଚାଳନା ଦାୟିତ୍ୱ ନିଆଯାଇଥିବା ଅବଧି ମଧ୍ୟରେ ସେ ସଂକ୍ରାନ୍ତୀୟ ବ୍ୟୟ ସ୍ଥାୟୀ ପାଣ୍ଠି, ସାଧାରଣପାଣ୍ଠି ବା ଉନ୍ନୟନ ପାଣ୍ଠିରୁ ଭରଣା କରାଯିବ।

(2) ବିଶ୍ୱବିଦ୍ୟାଳୟ ପରିଚାଳନା ଦାୟିତ୍ୱ ନିଆଯାଇଥିବା ଅବଧି ମଧ୍ୟରେ ଉପଧାରା (1) ରେ ଉଲ୍ଲିଖିତ ପାଣ୍ଠି ଯଦି ବ୍ୟୟ ଭରଣା କରିବା ଲାଗି ଯଥେଷ୍ଟ ନହୁଏ ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ବିଶ୍ୱବିଦ୍ୟାଳୟର ସମ୍ପତ୍ତି ଓ ଆସ୍ତିର ନିକାଶ କରି ସେହି ବ୍ୟୟ ଭରଣା କରାଯିବ।

ଅସୁବିଧା ଦୂରୀକରଣ।

54. (1) ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ଯଦି କୌଣସି ଅସୁବିଧା ଉପୁଜେ, ତେବେ ସେପରି ସ୍ଥଳେ ରାଜ୍ୟ ସରକାର, ସେହି ଅସୁବିଧା ଦୂରୀକରଣ ଲାଗି ଯେପରି ଆବଶ୍ୟକ ବା ସମୀଚୀନ ମନେ କରିବେ, ଏହି ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକ ସହିତ ଅସଙ୍ଗତ ହେଉନଥିବା ସେପରି ବ୍ୟବସ୍ଥା, ଆଦେଶ ଦ୍ୱାରା, ପ୍ରଣୟନ କରିପାରିବେ:

ପରନ୍ତୁ ଏହି ଅଧିନିୟମ ପ୍ରାରମ୍ଭ ହେବା ତାରିଖଠାରୁ ଦୁଇବର୍ଷ ପୂରିଯିବା ପରେ ସେପରି ଆଦେଶ ଦିଆଯାଇପାରିବ ନାହିଁ;

(2) ଉପଧାରା (1) ଅନୁଯାୟୀ ଦିଆଯାଇଥିବା ପ୍ରତ୍ୟେକ ଆଦେଶ, ତାହା ଦିଆଯିବା ପରେ ଯଥା ସମ୍ଭବ ଶୀଘ୍ର, ରାଜ୍ୟ ବିଧାନମଣ୍ଡଳ ସମକ୍ଷରେ ଉପସ୍ଥାପନ କରାଯିବ।